## କରୋନା ଆକ୍ରାନ୍ତ କ୍ରୀଡ଼ା ଶିକ୍ଷକଙ୍କ ମୃତ୍ୟୁ

ଆଠଗଡ଼,(ସ୍ୱ.ପ୍ର.): କରୋନାରେ ଆକ୍ରାନ୍ତ ହୋଇଥିବା ଜଣେ କ୍ରୀଡ଼ା ଶିକ୍ଷକଙ୍କ ଗୁରୁବାର ବିଳମ୍ବିତ ରାତିରେ ଭୁବେଶ୍ୱରସ୍ଥିତ ଏକ କୋଭିଡ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେ ହେଲେ ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ଭାଗ୍ୟଧର ପ୍ରଧାନ। ସେ ପ୍ରଥମେ କରୋନାରେ ଆକ୍ରାନ୍ତ ହୋଇ ମାଧପୁରସ୍ଥିତ କୋଭିଡ୍ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ଫୁସ୍‌ଫୁସ୍ ୮୦ ପ୍ରତିଶତ ସଂକ୍ରମିତ ହୋଇଯାଇଥିଲା। ଏନେଇ ତାଙ୍କୁ ଭେଣ୍ଟିଲେଟରରେ ଲାଇଫ ସପୋର୍ଟ ସିଷ୍ଟମରେ ରଖାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ରାସ୍ତାରୁ ଶ୍ରମିକଙ୍କ ମୃତଦେହ ଜବତ

**ଟାଙ୍ଗୀ (କଟକ), ୩୦।୭ (ଡି.ଏନ.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତ ବଡ଼ପୋଖରୀ ଗ୍ରାମ ନିକଟ ଓସିଏଲ ରାସ୍ତା ପାର୍ଶ୍ୱରୁ ଶୁକ୍ରବାର ସକାଳେ ଜଣେ ଶ୍ରମିକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସୁକାନ୍ତ ହେମ୍ବ୍ରମ(୩୪)। ସେ ସ୍ଥାନୀୟ ଏକ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ସେ ରାତି ଡ୍ୟୁଟି ସାରି ପାଖ ଆଦିବାସୀ ବସ୍ତିକୁ ଫେରୁଥିବାବେଳେ ଅଜଣା ଗାଡି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପରେ ଉତ୍ତ୍ୟକ୍ତ ଲୋକମାନେ ଏହି ରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଖବରପାଇ ଟାଙ୍ଗୀ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାଶ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି।

### ବିଜେଡି ଯୁବନେତାଙ୍କୁ ଆକ୍ରମଣ: ଥାନାରେ ଅଭିଯୋଗ

**ସାଲେପୁର, ୩୦।୭ (ଡି.ଏନ୍.ଏ.):** ସାଲେପୁର ଥାନାର ଅଞ୍ଚଳରେ ବିଜେଡିର ଜଣେ ଯୁବ ନେତାଙ୍କୁ ଅପରାହ୍ନରେ ବ୍ଲକ କାର୍ଯ୍ୟାଳୟରେ ଆକ୍ରମଣ କରାଯାଇଛି। ତାଙ୍କ ସୁନାଚେନ୍ ଓ ନଗଦ ଟଙ୍କା ଲୁଟି ନିଆଯାଇଛି। ସେ ହେଲେ ରାଜେଶ କୁମାର ମହାନ୍ତି। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସେ କୌଣସି କାର୍ଯ୍ୟ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ଏହି ସମୟରେ ୪ରୁ ୫ଜଣ ଯୁବକ ନୂତନ ଭାବେ ଯୋଗଦେଇଥିବା ବିଡିଓ ଓ ରାଜ୍ୟ ସରକାରଙ୍କୁ ଗାଳିଗୁଲଜ କରିଥିଲେ। ମହାନ୍ତି ଏହାକୁ ବାରଣ କରିବାରୁ ଯୁବକମାନେ ତାଙ୍କୁ ଆକ୍ରମଣ କରିବା ସହ ସୁନାଚେନ୍ ଛିଡାଇ ନେଇଯାଇଥିଲେ। ଏଥିସହ ମହାନ୍ତିଙ୍କ ପର୍ସରେ ଥିବା ୩୫୦୦ଟଙ୍କାକୁ ମଧ ଲୁଟି ନେଇଥିଲେ। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ସ୍ୱାମୀ ବିବେକାନନ୍ଦଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ଉନ୍ମୋଚିତ

କଟକ ଅଫିସ, ୩୦।୭- କଟକ ଜିଲା ମୁଣ୍ଡଳୀସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ଶୁକ୍ରବାର ଉନ୍ମୋଚିତ ହୋଇଛି। ଏହାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ରାମକୃଷ୍ଣ ମିଶନର ସେକ୍ରେଟାରୀ ସ୍ୱାମୀ ଆତ୍ମ ପ୍ରଭାନନ୍ଦ ଓ ଏଡିଏମ୍ ବିଜୟ କୁମାର ଖଣ୍ଡାୟତରାୟ ଯୋଗଦେଇଥିଲେ। ଏହି ସଭାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ଦଶମ ଶ୍ରେଣୀ ଛାତ୍ରୀ ସଞ୍ଚାରୀ ଦାସ ଓ ମୂର୍ତ୍ତିକାର ବିଶ୍ୱନାଥ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ନିବେଦିତା ପାଢ଼ୀ ସଭା ପରିଚାଳନା ଓ ନମିତାରାଣୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ବସ୍ କର୍ମଚାରୀଙ୍କୁ ଆର୍ଥିକ ସହାୟତା ଦାବିରେ ବିକ୍ଷୋଭ

**କଟକ ଅଫିସ, ୩୦।୭:** ବସ୍ କର୍ମଚାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦାବି ନେଇ କଟକ ମୋଟର କର୍ମଚାରୀ ୟୁନିୟନ୍ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ୟୁନିୟନ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ସୁଭାଶିଷ ପାଲ୍‌ଟାଙ୍କୁ ଦାବିପତ୍ର ଦିଆଯାଇଥିଲା। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, କରୋନା ମହାମାରୀ ଯୋଗୁ ବସ୍ ଚଳାଚଳ ବନ୍ଦ ରହିବାରୁ କାର୍ଯ୍ୟରତ ପ୍ରାୟ ୭୦ହଜାର ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପର ରୋଜଗାର ହରାଇଛନ୍ତି। ବର୍ତ୍ତମାନ ସେମାନେ ଆର୍ଥିକ ଦୁରବସ୍ଥା ଦେଇ ଗତି କରୁଛନ୍ତି। ସରକାର ବସ୍ କର୍ମଚାରୀମାନଙ୍କୁ କୌଣସି ସହାୟତା ଦେଇନାହାନ୍ତି। ଏଣୁ ପ୍ରତ୍ୟେକ ବସ୍ କର୍ମଚାରୀଙ୍କୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ପ୍ରଦାନ ଓ ପ୍ରତି ପରିବାରକୁ ୧୦ କିଲୋ ଚାଉଳ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ୟୁନିୟନର ଉପସଭାପତି ବଦ୍ରିନାରାୟଣ ଦାସ, ସାଧାରଣ ସମ୍ପାଦକ ଶିଶିର କୁମାର ଲେଙ୍କା, ସହସମ୍ପାଦକ ହୀରାଲାଲ୍ ପଣ୍ଡା, ଗଗନ ପରିଡ଼ା, ଚକ୍ରବର୍ତ୍ତୀ ଓଡା, କୋଷାଧକ୍ଷ ବିଭୂତି ଭୂଷଣ ରାଉତ, ହିମାଂଶୁ ଶେଖର ଦଳାଇ ପ୍ରମୁଖ ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ମାଟ୍ରିକ ପରୀକ୍ଷାରୁ ବଞ୍ଚିତ ୧୧ ଛାତ୍ରୀଛାତ୍ର

## ମିଳିଲାନି ଆଡ଼ମିଟ୍ କାର୍ଡ

**କଟକ ଅଫିସ, ୩୦।୭**

ଶୁକ୍ରବାରଠାରୁ ଅଫଲାଇନ୍ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ହେଲେ ଆଡ୍‌ମିଟ୍ କାର୍ଡ ମିଳି ନ ଥିବାରୁ କଟକ କଲେଜଛକ ସରସ୍ୱତୀ ଶିଶୁମନ୍ଦିରର ୨, ଜଗତ୍‌ପୁର ସରସ୍ୱତୀ ଶିଶୁମନ୍ଦିରର ୬ ଓ ବାଲୁବଜାର ସରସ୍ୱତୀ ଶିଶୁ ମନ୍ଦିରର ୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ପରୀକ୍ଷା ଦେବା ପାଇଁ ସେମାନେ ଫର୍ମପୂରଣ କରିଥିଲେ ମଧ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କୁ ଆଡମିଟ୍ କାର୍ଡ ମିଳି ନ ଥିଲା। ଆଡ୍‌ମିଟ୍ କାର୍ଡ ପାଇ ନ ଥିବା ଛାତ୍ର ଅଭିଷେକ ପୃଷ୍ଟି କହିଛନ୍ତି, ସରସ୍ୱତୀ ଶିଶୁ ମନ୍ଦିର କର୍ତ୍ତୃପକ୍ଷ ସବୁ ତଥ୍ୟ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)କୁ ଦେଇ ନ ଥିବାରୁ ତାଙ୍କୁ ଆଡମିଟ୍ କାର୍ଡ ମିଳି ନ ଥିଲା। ପରୀକ୍ଷା କେନ୍ଦ୍ର ନିକଟରେ ଆଡ୍‌ମିଟ୍ କାର୍ଡ ଦିଆଯିବ ବୋଲି ସ୍କୁଲ କର୍ତ୍ତୃପକ୍ଷ କହିଥିଲେ। ହେଲେ ସେଠାରେ ମଧ ଆଡ୍‌ମିଟ୍ କାର୍ଡ ମିଳି ନ ଥିଲା। ଏଥିଯୋଗୁ ସେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଶିକ୍ଷକ ମନୋଜ ଦାସ କହିଛନ୍ତି, ବିଦ୍ୟାଳୟର ଜଣେ କର୍ମଚାରୀ ଫର୍ମପୂରଣରେ ତ୍ରୁଟି କରିଥିବା କାରଣରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ହେଲେ ଏହି ସମସ୍ୟା ନେଇ ଆମେ ଅନେକ ଥର ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲୁ। ଏପରି କି ଆମେ ଗଣଶିକ୍ଷା ମନ୍ତ୍ରୀଙ୍କୁ ମଧ ଏବାବଦରେ ଜଣାଇଥିଲୁ। ହେଲେ ବୋର୍ଡ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଲେ ନାହିଁ। ଯାହାଦ୍ୱାରା ୧୧ ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି, ଫର୍ମପୂରଣ ପାଇଁ ୧୪ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ହେଲେ ଏହି ସମୟ ମଧରେ ଉକ୍ତ ଶିଶୁମନ୍ଦିର ପକ୍ଷରୁ ତାହା କରାଯାଇ ନ ଥିଲା। ୨୭ ତାରିଖରେ ସେମାନେ ଆସି ଆମକୁ ଏ ବିଷୟରେ ଅବଗତ କରାଇଥିଲେ। ମାତ୍ର ସେତେବେଳକୁ ପରୀକ୍ଷା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା। ସେଣ୍ଟରଗୁଡିକୁ ପ୍ରଶ୍ନପତ୍ର ପଠା ସାରିଥିଲା। ସେଣ୍ଟରଗୁଡିକରେ ପିଲାଙ୍କୁ ସ୍ଥାନିତ କରାଯାଇ ସାରିଥିଲା। ତେଣୁ ଉକ୍ତ ଶିଶୁମନ୍ଦିର ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା ଦେବା ବ୍ୟବସ୍ଥା କରିବା ସମ୍ଭବପର ନ ଥିଲା। ଅନ୍ୟପକ୍ଷରେ ଉକ୍ତ ଘଟଣାର ତଦନ୍ତ ଦାବି କରି ପରୀକ୍ଷାରୁ ବଞ୍ଚିତ ହୋଇଥିବା ଛାତ୍ରୀଛାତ୍ରମାନେ ଶୁକ୍ରବାର ମାଲଗୋଦାମ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ଷ୍ଟେଶନ ଡାଏରୀ କରି ତଦନ୍ତ ଚଳାଇଛି।


ନିଖିଳ ଓଡ଼ିଶା ଡିଇଏଲ୍‌ଇଡି ଛାତ୍ର ସଂଘ ପକ୍ଷରୁ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ଅଗଷ୍ଟରେ ପରୀକ୍ଷା, ଫଳ ପ୍ରକାଶନ ଦାବିରେ ବିକ୍ଷୋଭ

**କଟକ ଅଫିସ, ୩୦।୭**

ଅଗଷ୍ଟ ମଧରେ ଡିଇଏଲ୍‌ଇଡି ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷା ନିର୍ଘଣ୍ଟ ଓ ଶୀଘ୍ର ପରୀକ୍ଷା ଫଳ ପ୍ରକାଶନ ଦାବିରେ ଶୁକ୍ରବାର ନିଖିଳ ଓଡ଼ିଶା ଡିଇଏଲ୍‌ଇଡି ଛାତ୍ର ସଂଘ ପକ୍ଷରୁ କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ଓ ଇଣ୍ଟର୍ନଶିପ୍ ଜୁନ୍ ୩୦ପୂର୍ବରୁ ଶେଷ ହୋଇଛି। ଚଳିତବର୍ଷ ସମସ୍ତ ଡିଗ୍ରୀ ପାଇଁ ନାମଲେଖା ପ୍ରକ୍ରିୟା ସେପ୍ଟେମ୍ବର ପହିଲାରୁ ଆରମ୍ଭ କରିବାକୁ ୟୁଜିସି ଗାଇଡଲାଇନ୍ ଜାରି କରିଛି। ଏଥିସହ ଏସ୍‌ସିଇଆର୍‌ଟି ମଧ ଅଗଷ୍ଟରେ ପରୀକ୍ଷା ଓ ଫଳ ପ୍ରକାଶନ ପାଇଁ ବିଏସ୍‌ଇକୁ ଚିଠି ମାଧ୍ୟମରେ ସୂଚିତ କରିଛି। ହେଲେ ବୋର୍ଡ ଏପର୍ଯ୍ୟନ୍ତ ପରୀକ୍ଷା ନିର୍ଘଣ୍ଟ ଓ ଫଳ ପ୍ରକାଶନ ତାରିଖ ଘୋଷଣା କରିନାହିଁ। ଅଗଷ୍ଟ ପ୍ରାରମ୍ଭରେ ପରୀକ୍ଷା ଓ ଶେଷ ମଧରେ ଫଳ ପ୍ରକାଶନ ନ ହେଲେ ଏହି ପରୀକ୍ଷାରେ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ, ସେମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେ ବୋଲି ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି। ତେବେ ବୋର୍ଡ ସଭାପତି ରାମାଶିଷ ହାଜରା ବିକ୍ଷୋଭକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ସହ ମାଟ୍ରିକ୍ ପରୀକ୍ଷା ସରିବା ପରେ ଉକ୍ତ ଛାତ୍ରୀଛାତ୍ରଙ୍କ ପରୀକ୍ଷା ତାରିଖ ଘୋଷଣା ସହ ଅଗଷ୍ଟ ମଧରେ ପରୀକ୍ଷା ଓ ଫଳ ପ୍ରକାଶନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ବିକ୍ଷୋଭରୁ ଓହରିଥିଲେ। ଉକ୍ତ ବିକ୍ଷୋଭରେ ନିଖିଳ ଓଡ଼ିଶା ଡିଇଏଲ୍‌ଇଡି ଛାତ୍ର ସଂଘ ସଭାପତି ଚନ୍ଦନ ବିଶ୍ୱାଳ, ଏଆଇଏସ୍‌ଏଫ୍‌ର ପୂର୍ବତନ ରାଜ୍ୟ ସଭାପତି ଡା. ପ୍ରଶାନ୍ତ ମିଶ୍ର, ପୂର୍ବତନ ସମ୍ପାଦକ ଜୟନ୍ତ ଦାସ, ପୂର୍ବତନ ଉପସଭାପତି ଅମରେନ୍ଦୁ ମହାନ୍ତି, କଟକ ଜିଲା ଆବାହକ ଦୀନେଶ ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତଥିଲେ।

## 'ଗୋଶାଳା ଏକ ଶିଳ୍ପ'

**କଟକ ଅଫିସ, ୩୦।୭**

ଗୋଶାଳା ଏକ ଶିଳ୍ପ। ଦୁଗ୍ଧଜାତ ସାମଗ୍ରୀ ବିକ୍ରି ହେଉଥିବାରୁ ଏହା ଏକ ଲାଭଜନକ ସଂସ୍ଥା। ତେଣୁ ଜଣେ କର୍ମଚାରୀ ତଥା ଘାସ କଟାଳିଙ୍କୁ ମନଇଚ୍ଛା ବାହାର କରାଯାଇପାରିବ ନାହିଁ। କଟକର ଗୋପାଳକୃଷ୍ଣ ଗୋଶାଳା ପକ୍ଷରୁ ଆଗତ ପିଟିଶନର ଶୁଣାଣି କରି ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଥିଲେ। କଟକ ନୂଆବଜାରସ୍ଥିତ ଗୋପାଳକୃଷ୍ଣ ଗୋଶାଳାରେ ଅଶୋକ ବେହେରା ଜଣେ ଘାସ କଟାଳି ଭାବେ ୨୦୦୧ରୁ କାର୍ଯ୍ୟ କରୁଥିଲେ। ପରେ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା। ଏନେଇ ସେ ଶ୍ରମ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରମ ଅଦାଲତରେ ଗୋଶାଳା ଏକ ଚ୍ୟାରିଟେବୁଲ ଟ୍ରଷ୍ଟ ବୋଲି ଦାବି କରାଯାଇଥିଲା। କିନ୍ତୁ ଶ୍ରମ ଅଦାଲତ ଗୋଶାଳାକୁ ଏକ ଶିଳ୍ପ ବୋଲି ବିଚାରକରି ଘାସ କଟାଳିଙ୍କୁ ମନଇଚ୍ଛା ବାହାର କରିପାରିବ ନାହିଁ, ବରଂ ନିଯୁକ୍ତି ସହ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଗୋଶାଳା କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଏକ ଲାଭଜନକ ସଂସ୍ଥା। ୧୦୦ଜଣ କର୍ମଚାରୀଙ୍କୁ ନିୟମିତ ଦରମା ଦିଆଯାଉଛି। ତେଣୁ ଏହି ସଂସ୍ଥାରୁ କୌଣସି କର୍ମଚାରୀଙ୍କୁ ମନଇଚ୍ଛା ବାହାର କରିପାରିବ ନାହିଁ ବୋଲି ହାଇକୋର୍ଟ ରାୟ ଦେବା ସହ ଶ୍ରମ ଅଦାଲତଙ୍କ ରାୟକୁ କାଏମ କରିଛନ୍ତି।

# ଅଗଷ୍ଟ ୮ ପର୍ଯ୍ୟନ୍ତ ବିଭିନ୍ନ ଟ୍ରେନ୍ ବାତିଲ

**ଭୁବନେଶ୍ୱର,୩୦।୭**

କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଅଗଷ୍ଟ ୮ ପର୍ଯ୍ୟନ୍ତ ପୂର୍ବତଟ ରେଲୱେ ପକ୍ଷରୁ ବିଭିନ୍ନ ଟ୍ରେନ୍‌କୁ ବାତିଲ କରାଯାଇଛି। ଏହି ସମୟରେ ଟ୍ରେନ୍‌ଯାତ୍ରୀଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ରେଲୱେ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

ଅଗଷ୍ଟ ୨ରୁ ୮ ତାରିଖ ମଧରେ ବାତିଲ ହେବାକୁ ଥିବା ଟ୍ରେନ୍ ମଧରେ ପୁରୀ-କଟକ-ପୁରୀ, ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର, ଭୁବନେଶ୍ୱର-କେନ୍ଦୁଝରଗଡ଼-ଭୁବନେଶ୍ୱର, ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର, କଟକ-ଭଦ୍ରକ-କଟକ, କଟକ-ପାରାଦୀପ- କଟକ ଏବଂ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ ରହିଛି। ସେହିଭଳି ଅଗଷ୍ଟ ୭ ଓ ୮ ତାରିଖରେ ବାତିଲ ହେବାକୁ ଥିବା ଟ୍ରେନ ମଧରେ ପୁରୀ-ଅନୁଗୋଳ-ପୁରୀ, ଭୁବନେଶ୍ୱର-ପାଲାସା-ଭୁବନେଶ୍ୱର, ଭୁବନେଶ୍ୱର-ବାଙ୍ଗିରିପୋଷି-ଭୁବନେଶ୍ୱର ରହିଥିବା ଜଣାପଡିଛି। ଅପରପକ୍ଷରେ ପୁରୀ-ଅନୁଗୋଳ ବିଶେଷ ଟ୍ରେନ ଆଂଶିକ ବାତିଲ ରହିବ। ପୁରୀ-ଅନୁଗୋଳ-ପୁରୀ ବିଶେଷ ଟ୍ରେନ ଅଗଷ୍ଟ ୨ ରୁ ୮ ତାରିଖ ମଧରେ ଉଭୟ ପାର୍ଶ୍ୱରୁ ତାଳଚେର ଓ ଅନୁଗୋଳ ମଧରେ ବାତିଲ ରହିବ ଏବଂ ତାଳଚେର ଏବଂ ପୁରୀ ମଧରେ ଚଳାଚଳ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସଂକ୍ରମଣ ବୃଦ୍ଧି ପାଇଁ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଲକ୍‌ଡାଉନ୍ ବଳବତ୍ତର ଥିବା ପର୍ଯ୍ୟନ୍ତ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ କେନ୍ଦ୍ରଗୁଡିକୁ ରାତ୍ରି ୮ ଘଟିକା ପର୍ଯ୍ୟନ୍ତ ଖୋଲା ରଖିବାକୁ ପୂର୍ବତଟ ରେଲୱେ ପକ୍ଷରୁ ଘୋଷଣା କରାଯାଇଛି।

## ଆଜି ଇସ୍ପାତ ବିଶେଷ ଟ୍ରେନ୍ ବାତିଲ

**ଭୁବନେଶ୍ୱର,୩୦।୭**

ହାଓଡ଼ା ଅଞ୍ଚଳରେ ହାଓଡ଼ା ଷ୍ଟେଶନ ଏବଂ ଟିକିଆପଡ଼ା ୟାର୍ଡ ଠାରେ ପ୍ରବଳ ବର୍ଷା କାରଣରୁ ରେଳ ଧାରଣା ଉପରେ ଜଳମଗ୍ନ ହୋଇରହିଛି। ଫଳରେ ହାଓଡାଠାରୁ ଛାଡିବାକୁ ଥିବା ଇସ୍ପାତ ଓ ଧଉଳି ବିଶେଷ ଟ୍ରେନକୁ ବାତିଲ କରାଯାଇଛି। ସଂଯୋଗକାରୀ ଟ୍ରେନ ବାତିଲ ଯୋଗୁ ଶନିବାର ଟିଟିଲାଗଡ଼ରୁ ଛାଡ଼ିବାକୁ ଥିବା ଟିଟିଲାଗଡ଼-ହାଓଡା ଇସ୍ପାତ ବିଶେଷ ଟ୍ରେନ ଏବଂ ପୁରୀରୁ ଛାଡ଼ିବାକୁ ଥିବା ହାଓଡା-ପୁରୀ ବିଶେଷ ଟ୍ରେନ ମଧ ବାତିଲ ହୋଇଛି।

## ଆବାସ ଯୋଜନାରେ ଦୁର୍ନୀତି : ଭିଜିଲାନ୍ସ ଟିମ୍‌ର ତଦନ୍ତ

**ନିଶ୍ଚିନ୍ତକୋଇଲି,୩୦।୭ (ସ୍ୱ.ପ୍ର.)**

ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତରେ ଶୁକ୍ରବାର ଭିଜିଲାନ୍ସ ଟିମ୍ ତଦନ୍ତ କରିଛି। ନିଶ୍ଚିନ୍ତକୋଇଲି ବ୍ଲକରେ ୨୦୧୩ରୁ ୨୦୧୭ ମଧରେ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ନେଇ କଟକ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଏହି ସମୟ ମଧରେ ଅନେକ ପ୍ରକୃତ ହିତାଧିକାରୀଙ୍କୁ ଉପେକ୍ଷା କରାଯାଇଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଏନେଇ ତତ୍କାଳୀନ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରସନ୍ନ ସାହୁ ଓ କୈଳାସ ଚନ୍ଦ୍ର ରାଉତଙ୍କ ବିରୋଧରେ ଅଭିଯୋଗ ହେବାପରେ ମାମଲା (ନଂ.୬୪/୧୭) ରୁଜୁ ହୋଇଥିଲା। କଟକ ଭିଜିଲାନ୍ସର ଏକ ତଦନ୍ତ ଟିମ୍ ବିଭିନ୍ନ ହିତାଧିକାରୀଙ୍କ ଘରକୁ ଯାଇ ତଦନ୍ତ କରିବା ସହ ବ୍ଲକ ଅଫିସରୁ ସୂଚନା ସଂଗ୍ରହ କରିଛନ୍ତି।

# ସ୍ୱାଧୀନତାର ୭୩ ବର୍ଷ ପରେ ବିଦ୍ୟୁତ୍ ସଂଯୋଗ

**ଖୁଣ୍ଟୁଣୀ,୩୦।୭ (ଡି.ଏନ.ଏ.)**

ସ୍ୱାଧୀନତାର ୭୩ ବର୍ଷ ପରେ କଟକ ଜିଲା ଆଠଗଡ଼ ବ୍ଲକ ଗୋବରା ପଞ୍ଚାୟତର ଓରଦା ଓ ଭଗୁଆ ଗ୍ରାମରେ ଶୁକ୍ରବାର ବିଜୁଳି ଆଲୋକ ଜଳିଛି। ଉକ୍ତ ଗ୍ରାମରେ ବିଦ୍ୟୁତ୍ ବିତରଣ ସଂସ୍ଥା ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଏହି ବିଜୁଳି ଆଲୋକ ଯୋଗାଇ ଦିଆଯାଇଛି। ଟାଟା ପାୱାର ପକ୍ଷରୁ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏହି ବିଦ୍ୟୁତ୍ ସେବାକୁ ଶୁଭାରମ୍ଭ କରିଥିଲେ।

କଟକ ସଦର ମହକୁମାଠାରୁ ପ୍ରାୟ ୩୦କିମି ଦୂରରେ ଅବସ୍ଥିତ ଏହି ଦୁଇ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ପାଇଁ ଦାବି ହୋଇ ଆସୁଥିଲା। ୫ ବର୍ଷ ତଳେ ରାଜୀବ ଗାନ୍ଧୀ ଗ୍ରାମ୍ୟ ବିଦ୍ୟୁତ୍ ଯୋଜନାରେ ଏହି ଦୁଇ ଗ୍ରାମକୁ ସାମିଲ କରାଯାଇଥିଲେ ମଧ ଅନଭିଜ୍ଞ କର୍ମକର୍ତ୍ତାଙ୍କ ଯୋଗୁ ବିଜୁଳି ଆଲୋକରୁ ଗ୍ରାମବାସୀ ବଞ୍ଚିତ ହୋଇଥିଲେ। ବର୍ଷ ବର୍ଷ ଧରି ଖୁଣ୍ଟରେ ତାର ଟଣା ଯାଇଥିଲେ ମଧ ବିଜୁଳି ସଂଯୋଗ ହୋଇ ପାରୁ ନ ଥିଲା। ଫଳରେ ଏହି ୨ ଗ୍ରାମରେ ଥିବା ୧୧୭ ପରିବାର ସଦସ୍ୟଙ୍କୁ ଡିବିରି ଆଲୁଅରେ ରାତି ବିତାଇବାକୁ ପଡୁଥିଲା। ତୁରନ୍ତ ଉକ୍ତ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ପାଇଁ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲା। ଗତ ନଭେମ୍ବରରେ ଉକ୍ତ ଗ୍ରାମର ବିଜୁଳି ସମସ୍ୟା ନେଇ ଆଠଗଡ଼ ବିକାଶ ମଞ୍ଚ ସଭାପତି ମାନସ ରଞ୍ଜନ ବହିଁଆ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଓ ଶକ୍ତି ବିଭାଗକୁ ଟୁଇଟ୍ କରିଥିଲେ। ଟାଟା ପାୱାର କର୍ତ୍ତୃପକ୍ଷ ନିଜ ଆଡୁ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ପରେ ଉକ୍ତ ଗ୍ରାମ ଦ୍ୱୟକୁ ୪ଟି ସବ୍‌ଷ୍ଟେଶନରୁ ବିଦ୍ୟୁତ୍ ଯୋଗାଣ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ପବିତ୍ର ମୋହନ ସାହୁ, ସନ୍ତୋଷ ସାମନ୍ତରାୟ, ନେପାଳସେନ ତାର୍ଜନ, ପ୍ରଭାତ ଥାଟୋଇ, ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।


ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଦ୍ୟୁତ୍ ସେବା ଶୁଭାରମ୍ଭ କରୁଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଶିବପ୍ରସାଦ


@ ମାନସ


@ ଦେବ


@ ଶାହାବାଜ୍


@ ସନ୍ତୋଷ


@ ଭଗବାନ

# ଏସ୍‌ଓଜି କ୍ୟାମ୍ପରେ ତାଲିମ ନେଉଛନ୍ତି ବିଭିନ୍ନ ରାଜ୍ୟର ପୋଲିସ କର୍ମଚାରୀ

**କଟକ ଅଫିସ, ୩୦।୭**

ଭୁବନେଶ୍ୱର ଚନ୍ଦକାସ୍ଥିତ ସ୍ପେଶାଲ ଅପରେଶନ୍ ଗ୍ରୁପ୍ (ଏସ୍‌ଓଜି) କ୍ୟାମ୍ପରେ ଓଡ଼ିଶା ପୋଲିସ ସହ ଅନ୍ୟ ରାଜ୍ୟର ପୋଲିସ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏପର୍ଯ୍ୟନ୍ତ ଏସ୍‌ଓଜି ପକ୍ଷରୁ ପଶ୍ଚିମବଙ୍ଗର ୨୦୨, ଝାଡ଼ଖଣ୍ଡ (ୟୁବିଜିଏଲ୍)ର ୪୦, କେରଳର ୫୦, ମହାରାଷ୍ଟ୍ରର ୩୨ ଓ ସିଆର୍‌ପିଏଫ୍‌ର ୬୦୦ ଜଣଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ଏବେ ଦ୍ୱିତୀୟ ବ୍ୟାଚ୍‌ରେ କେରଳ ପୋଲିସ ୩୩ କମାଣ୍ଡୋ (ଥାଉଣ୍ଡର୍‌ବୋଲ୍ଟ) ପ୍ରଶିକ୍ଷଣ ନିମନ୍ତେ ଉକ୍ତ କ୍ୟାମ୍ପକୁ ଆସିଛନ୍ତି। କେରଳରେ ଉଗ୍ରବାଦୀ ବିରୋଧରେ ମୁକାବିଲା କରିବା ନିମନ୍ତେ ଏହି ସ୍ୱତନ୍ତ୍ର ଫୋର୍ସକୁ ପ୍ରଶିକ୍ଷଣ ଦିଆଯାଉଛି। ଏହିବ୍ୟାଚ୍ ୮ ସପ୍ତାହ ପାଇଁ ଟ୍ରେନିଂ ନେବ ବୋଲି ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସୂତ୍ରରେ ଜଣାପଡିଛି। ସୂଚନାଯୋଗ୍ୟ, ୨୦୦୪ରେ ସ୍ପେଶାଲ ଅପରେଶନ୍ ଗ୍ରୁପ୍ ଗଠନ ହୋଇଥିଲା। ଆତଙ୍କବାଦୀ କାର୍ଯ୍ୟକଳାପର ସଫଳ ମୁକାବିଲା ନିମନ୍ତେ ଏସ୍‌ଓଜି ଏକ ସଶସ୍ତ୍ର ବାହିନୀ। ରାଜ୍ୟ ପୋଲିସ୍‌ର ବିଭିନ୍ନ ୟୁନିଟ୍‌ର ଅଧିକାରୀ ଓ କର୍ମଚାରୀଙ୍କୁ ଏସ୍‌ଓଜି ପକ୍ଷରୁ ବିଭିନ୍ନ ତାଲିମ୍ ଦିଆଯାଇଥାଏ। ମାଓବାଦୀଙ୍କ ବିରୋଧରେ ରଣନୀତି, ଆତଙ୍କବାଦୀ ଲୁଚି ରହିଥିବା ସ୍ଥାନରେ ଆକ୍ରମଣ କରି ସେମାନଙ୍କ ଯୋଜନାକୁ ପଣ୍ଡ କରିବା, ଆତଙ୍କବାଦୀଙ୍କ କବ୍‌ଜାରେ ରହିଥିବା ଅଟ୍ଟାଳିକାରୁ ଧନଜୀବନ ସୁରକ୍ଷିତ ଭାବେ ମୁକ୍ତ କରିବା, ପ୍ରତିକୂଳ ପରିସ୍ଥିତିରେ ଶତ୍ରୁର ସଫଳ ମୁକାବିଲା କରିବା ପାଇଁ କମାଣ୍ଡୋମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଥାଏ।

## ଶ୍ରୀଜଗନ୍ନାଥ ପାଲା କଳାକାର ମହାସଂଘର ବୈଠକ

ବାଲିଅନ୍ତା,(ଡି.ଏନ.ଏ): ବାଲିଅନ୍ତା ବ୍ଲକ୍ ଅଧୀନ ଭୁବନପର ଗ୍ରାମର ମା’ ଉତ୍ତରମୁଖୀ ମନ୍ଦିର ନିକଟରେ ଶ୍ରୀଜଗନ୍ନାଥ ପାଲା କଳାକାର ମହାସଂଘ ଓଡ଼ିଶାର ଏକ କାର୍ଯ୍ୟକାରିଣୀ ବୈଠକ ସଭାପତି ନିରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗାୟକ ବଳଭଦ୍ର ପଣ୍ଡା, ପ୍ରହ୍ଲାଦ ସାହୁ, ନିରଞ୍ଜନ ରାଉଳ ଅନ୍ୟାନ୍ୟ ପାଲା କଳାକାରଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ମହାସଂଘର ଉନ୍ନତି ଲାଗି ବିଭିନ୍ନ ପ୍ରସ୍ତାବ ଆଗତ କରାଯାଇଥିଲା। ବୈଠକରେ ଗାୟକ ସୁରେନ୍ଦ୍ରନାଥ ଛୋଟରାୟ, ନାରାୟଣ ମହାରଣା, ବନମାଳି ପତି, ନିରଞ୍ଜନ ସ୍ୱାଇଁ, ଦୁଷ୍ମନ୍ତ ବେହେରା, ବସନ୍ତ ମହାରଣା, ବେଣୁଧର ଷଡଙ୍ଗୀ, ଶରତ ଦଳେଇ ପ୍ରମୁଖ ଯୋଗଦେଇଥିଲେ।

### ସଂକ୍ଷେପରେ

## ସ୍କଲାରଶିପ୍ ପାଇଁ ଅନ୍‌ଲାଇନ ଆବେଦନ କମିଲା

ଭୁବନେଶ୍ୱର, ୩୦।୭(ବ୍ୟୁରୋ):୨୦୨୦-୨୧ବର୍ଷର ଇ-ମେଧାବୃତ୍ତି, ବ୍ୟାସ କବି ଫକୀରମୋହନ ଭାଷାବୃତ୍ତି ଓ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ ପାଇବାକୁ ଥିବା ସ୍କଲାରଶିପ୍ ପାଇଁ ଅନ୍‌ଲାଇନ ଆବେଦନ ସଂଖ୍ୟା କମ୍ ରହିଛି। ଏହାକୁ ନେଇ ବିଭିନ୍ନ କଲେଜ ଅଧକ୍ଷ ଓ ବିଶ୍ୱବିଦ୍ୟାଳୟ ଅନୁସଚିବଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛି ଉଚ୍ଚ ଶିକ୍ଷା ବିଭାଗ। ଅଗଷ୍ଟ ୩୧ ଆବେଦନର ଶେଷ ତାରିଖ। ଏଥିରେ ଆଉ ବୃଦ୍ଧି ହେବ ନାହିଁ। ସବୁ ଦସ୍ତାବିଜ ଅନ୍‌ଲାଇନରେ ଅପ୍‌ଲୋଡ୍ ରହିଛି। ଏହା ସତ୍ତ୍ୱେ ଛାତ୍ରୀଛାତ୍ରଙ୍କୁ ବ୍ୟକ୍ତିଗତ ଭାବେ ଆସି ଦସ୍ତାବିଜ ଦାଖଲ କରିବାକୁ କୁହାଯିବାକୁ ନାପସନ୍ଦ କରିଛି ବିଭାଗ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରି ବ୍ୟକ୍ତିଗତ ହାଜରକୁ ବନ୍ଦ କରିବାକୁ ସବୁ କଲେଜ ଓ ବିଶ୍ୱବିଦ୍ୟାଳୟକୁ ଉଚ୍ଚ ଶିକ୍ଷା ବିଭାଗର ଯୁଗ୍ମ ସଚିବ ଚିଠି ଲେଖିଛନ୍ତି।

## ବାଲିଅନ୍ତା ହାଇସ୍କୁଲ ପରିଦର୍ଶନ କଲେ ବିଧାୟକ

ବାଲିଅନ୍ତା,୩୦।୭(ବାଲିଅନ୍ତା): ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ଶୁକ୍ରବାର ବାଲିଅନ୍ତା ହାଇସ୍କୁଲକୁ ଅଚାନକ ପରିଦର୍ଶନ କରିଥିଲେ। ସେ ପ୍ରଥମେ ସ୍ମାର୍ଟ କ୍ଲାସ ରୁମ୍ କାର୍ଯ୍ୟାଳୟ ବୁଲି ଦେଖିଥିଲେ। ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ ଏହି ହାଇସ୍କୁଲର ବିକାଶ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଭବାନୀ କୁମାରୀ ମହାପାତ୍ରଙ୍କଠାରୁ ପଚାରି ବୁଝିଥିଲେ। ଖେଳପଡିଆ, ପାଣି ନିଷ୍କାସନ ଓ ଅଧିକ ଶ୍ରେଣୀ ଗୃହର ଆବଶ୍ୟକତା ଥିବା ପ୍ରଧାନ ଶିକ୍ଷୟିତ୍ରୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ହାଇସ୍କୁଲ ପରିସର ଅନ୍ଧାର ରହୁଥିବାରୁ ଅସାମାଜିକ ଲୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ତେଣୁ ଏଠାରେ ଏକ ହାଇମାଷ୍ଟ ଲାଇଟ ଲଗାଇବା ପାଇଁ ଅବଗତ କରିଥିଲେ। ଖୁବଶୀଘ୍ର ଏହି ହାଇସ୍କୁଲରେ ଏକ ଲାଇଟ ଲାଗିବ ବୋଲି ବିଧାୟକ ପ୍ରତଶ୍ରୁତି ଦେଇଥିଲେ। ହାଇସ୍କୁଲ ପରିସରକୁ ଆହୁରି ସବୁଜିମା ସହ ନାନା ଫୁଲଗଛ ଲଗାଇବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ।

## କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩୦।୭(ବ୍ୟୁରୋ): କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ପୁରୀ ଜିଲା ନିମାପଡା-ପିପିଲି ଓଭରବ୍ରିଜ୍ ନିକଟରେ ଚଢାଉ କରି ଜଣେ ବ୍ରାଉସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ପିପିଲି ଥାନା ଅଞ୍ଚଳର ଇମ୍‌ତାଜ୍ ଖାନ୍। ତାଙ୍କ ନିକଟରୁ ୧ କେଜି ୪୮ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୨୬/୨୧) ରୁଜୁ କରିବା ସହ ଅଭିଯୁକ୍ତ ଇମ୍‌ତାଜଙ୍କୁ ପୁରୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ଚାଲାଣ କରିଛି। ଏଥିସହ ଏହି କାରବାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ଅଧିକ ତଦନ୍ତ ଜାରି ରଖିଛି।




ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଶୁକ୍ରବାର କଟକ ଗଣ୍ଡରପୁରସ୍ଥିତ ଏଲ୍.ଆର୍. ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଛାତ୍ରୀମାନେ ଖୁସି ମନାଉଛନ୍ତି।




ଭୁବନେଶ୍ୱରସ୍ଥିତ ଓଡିଏମ୍ ସ୍କୁଲରେ ଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ପରୀକ୍ଷାଫଳ ଖୁସି ଆଣିଲା

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। କରୋନା ପାଇଁ ଚଳିତ ବର୍ଷ ପରୀକ୍ଷା ହୋଇ ନ ଥିବାବେଳେ ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ଫଳ ବାହାରିଛି। ଭୁବନେଶ୍ୱର ରିଜିଅନ୍ ପାସ୍ ହାର ୯୯.୫୫% ରହିଥିବାବେଳେ ପୂର୍ବାପେକ୍ଷା ଭଲ ହୋଇଛି। ତେବେ ଏହି ପରୀକ୍ଷା ଫଳରେ ଛାତ୍ରୀଛାତ୍ର କେତେ ଖୁସି ତାହାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

### କ’ଣ କୁହନ୍ତି ଛାତ୍ରୀଛାତ୍ର



“ମୁଁ ୯୮% ଉପରେ ରଖିବା ପାଇଁ ପ୍ରସ୍ତୁତ ହେଉଥିଲି। କିନ୍ତୁ ପରୀକ୍ଷା ବାତିଲ ହୋଇଯାଇଥିଲା। କେମିତି ମୂଲ୍ୟାୟନ ହେବ ତାକୁ ମନରେ ଦ୍ୱନ୍ଦ୍ୱ ବି ରହିଥିଲା। କିନ୍ତୁ ରେଜଲ୍ଟ ମୋର ଭଲ ଆସିଛି। ମୋର ୯୮.୪% ରହିଛି। ତେଣୁ ମୁଁ ଖୁସୀ ଅଛି। ଏବେ ମେଡିକାଲ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି।

– ପ୍ରଜ୍ଞା ପାରମିତା ସାହୁ, ଛାତ୍ରୀ



“ମୋର ୯୭.୬% ରହିଛି। ଅଫ୍‌ଲାଇନ୍ ପରୀକ୍ଷା ଦେଇଥିଲେ ବି ୯୭ ରୁ ୯୯ % ଭିତରେ ରଖିବା ପାଇଁ ପ୍ରସ୍ତୁତ ହେଉଥିଲି। କିନ୍ତୁ ବିନା ପରୀକ୍ଷାରେ ମୂଲ୍ୟାୟନ ହେବ ବୋଲି ଯେତେବେଳେ କୁହାଗଲା ପ୍ରଥମେ ମନରେ ଭୟ ଥିଲା। କିନ୍ତୁ ମୋର ପୂର୍ବ ସବୁ ପରୀକ୍ଷାରେ ଭଲ ନମ୍ବର ରହିଥିବାରୁ ପରେ ଭୟ ଛାଡ଼ି ଯାଇଥିଲା। ଆଶାନୁଯାୟୀ ମାର୍କ ରହିଥିବାରୁ ଖୁସି ଅଛି। ଏବେ ଜେଇଇ ପାଇଁ ପ୍ରସ୍ତୁତ ହେଉଛି।

– ଶ୍ୱେତା ସୌନ୍ଦର୍ଯ୍ୟା ଦାସ, ଛାତ୍ରୀ



“ମୋର ୯୯% ରହିଛି। ଯେତିକି ଆଶା କରିଥିଲି ସେହିଭଳି ନମ୍ବର ରହିଛି। କିନ୍ତୁ ପରୀକ୍ଷା ଦେଇ ଏତିକି ନମ୍ବର ରଖିଥିଲେ ଅଧିକ ଖୁସି ହୋଇଥାନ୍ତି। ଏବେ ମୁଁ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି।

– ହୈମବତୀ ନନ୍ଦନ ପତି, ଛାତ୍ର



“ଆଶାନୁଯାୟୀ ମାର୍କ ରହିନାହିଁ। ୯୩% ରହିଥିବାବେଳେ ରସାୟନ ବିଜ୍ଞାନରେ ନମ୍ବର କମିଯାଇଛି। ବିଳମ୍ବରେ ରେଜଲ୍ଟ ବାହାରିଛି। ନିଟ୍ ପାଇଁ ଏବେ ପ୍ରସ୍ତୁତ ହେଉଛି। ତେଣୁ ଅଫ୍‌ଲାଇନ୍ ପରୀକ୍ଷା ଦେବା ପାଇଁ ବି ସମୟ ନାହିଁ।

– ଶ୍ୱେତାଲିନା ମହାନ୍ତି, ଛାତ୍ରୀ

# ସିବିଏସ୍‌ଇ ଦ୍ୱାଦଶ ଶତପ୍ରତିଶତ ରେଜଲ୍ଟ

### ଓଡିଏମ୍ ସ୍କୁଲ

ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ଶତପ୍ରତିଶତ ରେଜଲ୍ଟ ହୋଇଛି। ବିଜ୍ଞାନ ବିଭାଗରେ ହୈମବତୀନନ୍ଦନ ପତି ୯୯% ରଖି ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ପାଇଛନ୍ତି। ଶାଶ୍ୱତ ସାହୁ ୯୮.୮% ସହ ଦ୍ୱିତୀୟ ସ୍ଥାନରେ, ଅନୁଭବ ମିଶ୍ର ଓ ପ୍ରଜ୍ଞାପାରମିତା ସାହୁ ୯୮.୪% ରଖି ତୃତୀୟ ସ୍ଥାନରେ ଅଛନ୍ତି । ବାଣିଜ୍ୟ ବିଭାଗରେ ସ୍ମୃତିଶିଖା ସାହୁ ୯୮.୨% ସହ ପ୍ରଥମ ସ୍ଥାନରେ ଛନ୍ତି। ସ୍କୁଲର ୯୫ ପ୍ରତିଶତ ଉପରେ ୨୦ ଛାତ୍ରୀଛାତ୍ର ଓ ୧୩୪ ଛାତ୍ରୀଛାତ୍ର ୯୦ରୁ ଅଧିକ ମାର୍କ ରଖିଛନ୍ତି। ବିଦ୍ୟାଳୟ ଅଧକ୍ଷ ଡ. ସତ୍ୟବ୍ରତ ମୀନକେତନ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ମାତାପିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କିଟ୍ ଇଣ୍ଟରନ୍ୟାଶନାଲ

ଏହି ସ୍କୁଲର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀ ପାସ୍ କରିଥିବାବେଳେ ୩୦% ଛାତ୍ରୀଛାତ୍ର ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ବିଜ୍ଞାନରେ ଯଶୋବର୍ଦ୍ଧନ ନାଏକ ୯୮%, ବାଣିଜ୍ୟରେ ବେଦିକା ନରସରିଆ ସର୍ବାଧିକ ୯୮% ଓ ହ୍ୟୁମାନିଟିଜ୍‌ରେ ରଚିତା ପ୍ରିୟଦର୍ଶନୀ ସର୍ବାଧିକ ୯୮% ନମ୍ବର ରଖିଛନ୍ତି। ସ୍କୁଲ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, ସ୍କୁଲର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିଷ୍ଠା ସହ ସମୟ ଉପଯୋଗୀ ପରାମର୍ଶ ଯୋଗୁ ଦୀର୍ଘ ୧୫ବର୍ଷ ହେଲା ଏହି ସଫଳତା ମିଳୁଛି। ଏଥିପାଇଁ ସେ ସ୍କୁଲର ଚେୟାରପର୍ସନ ମୋନାଲିସା ବଳ, ଅଧ୍ୟକ୍ଷ ସଞ୍ଜୟ ସୁଆରଙ୍କ ସମେତ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ

ବିଜ୍ଞାନ ବିଭାଗରେ ସ୍ୱସ୍ତିକ ରଞ୍ଜନ ସେଠୀ ଓ ଶ୍ୱେତା ସୌନ୍ଦର୍ଯ୍ୟା ଦାସ ଉଭୟ ୯୭.୬% ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଦ୍ୱିତୀୟରେ ସମ୍ବିତ ମିଶ୍ର ଓ ଈଶାନୀ ଦାସ ୯୭.୨ ଏବଂ ତୃତୀୟରେ ରିସିତା ସାମଲ ୯୭% ରଖିଛନ୍ତି। ଏଥିରେ ୨୬ଜଣ ଛାତ୍ରୀଛାତ୍ର ୯୫% ଉପରେ ନମ୍ବର ରଖିଛନ୍ତି। ସେହିଭଳି ବାଣିଜ୍ୟରେ ପ୍ରଥମରେ ଆକାଂକ୍ଷା ଦାସ ୯୭%, ଦ୍ୱିତୀୟରେ ନିଧି ପଟେଲ ୯୫.୪% ଓ ତୃତୀୟରେ ମୋହିତ ସାହି ୯୩.୮% ରଖିଛନ୍ତି।

### ମଦର୍ସ ପବ୍ଲିକ ସ୍କୁଲ

ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ୯୦% ଉପରେ ନମ୍ବର ରଖି ୨୬୧ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ଶ୍ରେଷ୍ଠ ଦତ୍ତ ଚୌଧୁରୀ ୯୮.୪୦% ପ୍ରଥମ, ଲଗ୍ନେଶ ମହାପାତ୍ର ୯୮.୨୦% ଦ୍ୱିତୀୟ ଏବଂ ବ୍ରଜେଶ ପଟ୍ଟନାୟକ ୯୮% ରଖି ତୃତୀୟ ସ୍ଥାନରେ ରହିଛନ୍ତି। ବାଣିଜ୍ୟରେ ଉତ୍କର୍ଷ ପଣ୍ଡା ୯୮.୪୦%, ଲିପ୍ସା ମହାନ୍ତି ୯୭.୪୦% ଦ୍ୱିତୀୟ ଓ ସୌମ୍ୟା ସାହୁ ୯୭.୨୦% ସହ ତୃତୀୟ ସ୍ଥାନରେ ରହିଛନ୍ତି। ହ୍ୟୁମାନିଟିଜ୍‌ରେ ପୁଣ୍ୟଶାଳିଲା ସାହୁ ୯୮.୬୦% ସହ ପ୍ରଥମ, ହିମାଙ୍ଗୀ ପଟ୍ଟନାୟକ ୯୬.୨୦% ସହ ଦ୍ୱିତୀୟ ଏବଂ ତନିଷ୍ଠା ମଙ୍ଗରାଜ ୯୬.୬୦% ସହ ତୃତୀୟରେ ରହିଛନ୍ତି।

### ୟୁନିଟ୍-୮ ଡିଏଭି ସ୍କୁଲ

ବିଜ୍ଞାନ ବିଭାଗରେ ମୋନାଲିସା ବେହେରା ଓ ଆଶିଷ ପାଣି ୯୮.୬% ନମ୍ବର ରଖି ଯୁଗ୍ମ ପ୍ରଥମ, କୀର୍ତ୍ତିକା ପ୍ରିୟଦର୍ଶିନୀ ଓ ଅନୁପମ ଆଚାର୍ଯ୍ୟ ୯୭.୮% ନମ୍ବର ସହିତ ଯୁଗ୍ମ ଦ୍ୱିତୀୟ ଏବଂ ରୋହିତ ଅଗ୍ରୱାଲ, ଦିବ୍ୟାଂଶୁ ଲେଙ୍କା ଓ ଅଭିଷେକ ସାଇଦର୍ଶନ ୯୭.୬% ନମ୍ବର ସହିତ ତୃତୀୟ ସ୍ଥାନରେ ରହିଛନ୍ତି। ବାଣିଜ୍ୟରେ କେଶବ ଝୁନଝୁନ୍‌ୱାଲା ୯୭.୬% ସହ ପ୍ରଥମ, କରୁଣା ମିଶ୍ର ୯୬.୮% ନମ୍ବର ରଖି ଦ୍ୱିତୀୟ ଏବଂ ଅମନ ଅର୍ଚ୍ଚିକା, ଜ୍ୟୋତିର୍ମୟୀ ସରଦାର୍ ଓ ଶୁଭେନ୍ଦୁ ଶେଖର ପାଣି ୯୬.୨% ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି କଳା ବିଭାଗରେ ଅଭିଲିପ୍ସା ମହାପାତ୍ର ୯୭.୬ ପ୍ରତିଶତ ନମ୍ବର ରଖି ପ୍ରଥମ ହୋଇଛନ୍ତି।

# ସାମିଲ ହେଲେ ୨୦ ଦେଶର ଛାତ୍ରୀଛାତ୍ର

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ ପକ୍ଷରୁ ଆୟୋଜିତ ପୂର୍ବ ଭାରତର ସର୍ବବୃହତ୍ ମଡେଲ ୟୁନାଇଟେଡ୍ ନେଶନ୍‌ସ(ସାଇମୁନ୍)ର ନବମ ସଂସ୍କରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବିଷୟବସ୍ତୁ ରହିଛି ‘ବସୁଧୈବ କୁଟୁମ୍ବକମ୍’ ଅର୍ଥାତ୍ ଗୋଟିଏ ବିଶ୍ୱ ଗୋଟିଏ ପରିବାର। ୨୦ଦେଶର ୬୨ ସ୍କୁଲ୍‌ରୁ ୧ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ସାମିଲ ହୋଇଥିବାବେଳେ ଏଥିରେ ରହିଛି ୧୦ଟି କମିଟି। ଏହି ଦୁଇଦିନିଆ ସମ୍ମିଳନୀର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ କହିଲେ, ମହାନ୍ ଭାବୁକ ବା ଦାର୍ଶନିକଙ୍କ ମତରେ ସମସ୍ତଙ୍କୁ ସବୁକିଛି ଈଶ୍ୱରୀୟତା ମାଧ୍ୟମରେ ମିଳିଥାଏ। ତେଣୁ ଛାତ୍ରୀଛାତ୍ର ନିଜ ଭିତରେ ଥିବା ଈଶ୍ୱରୀୟତା ବା ଜ୍ଞାନର ଆଲୋକକୁ ବିସ୍ତାର କରି ଭବିଷ୍ୟତରେ ଜଣେ ଜଣେ ଲିଡର ହେବାର ପ୍ରଚେଷ୍ଟା ଜାରି ରଖନ୍ତୁ। ଏହି ସମ୍ମିଳନୀ ମାଧ୍ୟମରେ ଛାତ୍ରୀଛାତ୍ର ସାରା ବିଶ୍ୱକୁ ଏକ ପରିବାର କରିବାର ପ୍ରୟାସ ନିଶ୍ଚିତ ଉଲ୍ଲେଖନୀୟ ବୋଲି ରାଜ୍ୟପାଳ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଆମେରିକା ଜାତିସଂଘର ସ୍ଥାୟୀ ପ୍ରତିନିଧି ଏଚ୍‌ଇ ଡେମ୍ ବାରବରା ଉଡ୍‌ୱାଡ୍, ମୁଖ୍ୟବକ୍ତା ଭାବେ ସେଣ୍ଟର ଫର୍ ଏନ୍‌ଭାଇରନ୍‌ମେଣ୍ଟ ଏଜୁକେଶନର ସିନିୟର ପ୍ରୋଗାମ୍ ଡାଇରେକ୍ଟର ପ୍ରଭଜୋନ୍ ସୋଢ଼ୀ, ୟୁଏନ୍‌ଡିପିର ଡେପୁଟି ରେସିଡେଣ୍ଟ ରିପ୍ରେଜେଣ୍ଟେଟିଭ୍ ନଦିଆ ରସିଦ୍ ଓ ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଯୋଗଦେଇଥିଲେ। ସମ୍ମିଳନୀରେ ଯୋଗଦେଇଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ସମେତ ଆମେରିକା, ଇଂଲଣ୍ଡ, ୟୁନାଇଟେଡ୍ ଆରବ ଏମିରେଟ୍ସ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ, ସାଉଦିଆରବ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଜାପାନ, ୟୁକ୍ରେନ୍, ନେପାଳ, ହଂକଂ, ପୋଲାଣ୍ଡ, ଓମାନ୍, ଇଣ୍ଡୋନେସିଆ, ମରକ୍କୋ, ଇଜିପ୍ଟ, ବାଂଲାଦେଶ, ଉଗାଣ୍ଡା ଆଦି ରହିଛି।




ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟମାନେ।

### ଇ-ସାଇମୁନ୍ ଉଦ୍‌ଘାଟିତ

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ବର୍ଦ୍ଧିତ ୧୧% ମହଙ୍ଗା ଭତ୍ତା ଦାବି

ଭୁବନେଶ୍ୱର, ୩୦।୭ (ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାର ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ବର୍ଦ୍ଧିତ ୧୧% ମହଙ୍ଗା ଭତ୍ତା ଦେବାକୁ ଅନୁରୋଧ କରାଯାଇଛି। ଅବସରପ୍ରାପ୍ତ କର୍ମଚାରୀମାନେ ସମସ୍ତେ ୬୦ ବର୍ଷରୁ ଊର୍ଦ୍ଧ୍ୱ ଅତିକ୍ରମ କରିଥିବାରୁ ସେମାନଙ୍କୁ ବରିଷ୍ଠ ନାଗରିକ ଭାବରେ ବିବେଚନା କରାଯାଏ। ସେମାନଙ୍କ ମଧ୍ୟରୁ ଅଧିକାଂଶ ମଧୁମେହ ଓ ରକ୍ତଚାପଜନିତ ରୋଗରେ ଆକ୍ରାନ୍ତ। ପୁଣି ମହାମାରୀ କରୋନାରେ ସଂକ୍ରମିତ ହୋଇ ଅନେକେ ଦୁର୍ଦ୍ଦିନର ସମ୍ମୁଖୀନ ହେଉଛନ୍ତି। ଏପରିକି ସ୍ୱଳ୍ପ ବେତନଭୋଗୀ କର୍ମଚାରୀମାନେ ଦରଦାମ୍ ବୃଦ୍ଧି ହେତୁ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଇତି ମଧ୍ୟରେ କେନ୍ଦ୍ର ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କୁ ୧୧% ମହଙ୍ଗା ଭତ୍ତା ପ୍ରଦାନ କରି ସାରିଛନ୍ତି। ତେଣୁ ଓଡ଼ିଶା ସରକାର ଅନୁକମ୍ପା ରାଶି ପ୍ରଦାନ ପୂର୍ବକ ସଂଘର ଦାବିକୁ ବିଚାରକୁ ନେଇ ୧୧% ମହଙ୍ଗା ଭତ୍ତା ପ୍ରଦାନ କରିବାକୁ ସଭାପତି ବିଶ୍ୱନାଥ ମହାନ୍ତି ନିବେଦନ କରିଛନ୍ତି।



ଭୁବନେଶ୍ୱର ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଶୁକ୍ରବାର ମାଟ୍ରିକ୍ ଅଫ୍‌ଲାଇନ୍ ପରୀକ୍ଷା ଦେବାକୁ ଯାଉଥିବା ପରୀକ୍ଷାର୍ଥୀମାନେ।

## ସୋନୁ ସୁଦ୍‌ଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଲେ ଚିତ୍ରଶିଳ୍ପୀ

ଭୁବନେଶ୍ୱର,୩୦।୭: ବଲିଉଡ୍ ଅଭିନେତା ସୋନୁ ସୁଦ୍ କୋଭିଡ୍ ପରଠାରୁ କୋଟି କୋଟି ଲୋକଙ୍କ ଚିହ୍ନାମୁହଁ ପାଲଟିଯାଇଛନ୍ତି। ଜଣେ ଅଭିନେତା ଭାବେ ଯାହା କିଛି ନାମ ଅର୍ଜନ କରି ନ ଥିଲେ ତା’ଠାରୁ ବେଶି ସେବା ମାଧ୍ୟମରେ ପାଇଛନ୍ତି । ଲୋକଙ୍କ ସେବା କରି ସେ ଯେଉଁ ଆତ୍ମ ସନ୍ତୋଷ ପାଇଛନ୍ତି ତାଙ୍କ ପାଇଁ ସେସବୁ ବଡ ଉପହାର ବୋଲି ସୁଦ୍ ତାଙ୍କ ଟୁଇଟରରେ ଉଲ୍ଲେଖ କରିଛନ୍ତି। ଶୁକ୍ରବାର ଏହି ମହାନ ଅଭିନେତାଙ୍କ ୪୮ ତମ ଜନ୍ମ ଦିନରେ ଭୁବନେଶ୍ୱରର ଯୁବ ଚିତ୍ରଶିଳ୍ପୀ ପ୍ରିୟଙ୍କା ସାହାଣୀ ୪୮ଟି ଭିନ୍ନ ଭିନ୍ନ ଚିତ୍ରରେ ଜନ୍ମଦିବସର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି। ଶୁଖିଲା ପତ୍ରଠାରୁ ଆରମ୍ଭକରି ଅଜଳା ଦୀପ ପର୍ଯ୍ୟନ୍ତ ସବୁଥିରେ ସେ ସୋନୁଙ୍କ ସୁନ୍ଦର ଚିତ୍ରକୁ ଏକ ଭିନ୍ନ ଚିନ୍ତାଧାରାରେ ଚିତ୍ରଣ କରିଛନ୍ତି। ସାହାଣୀ ପେସାରେ ଜଣେ ସଫ୍ଟୱେର ଇଞ୍ଜିନିୟର । ହେଲେ କରୋନା ସମୟରେ ଚିତ୍ର ଆଙ୍କିବା ନିଶାରେ ପଡ଼ି ସମୟ ଅତିବାହିତ ସହ ଜଣେ ଯୁବ ଚିତ୍ରଶିଳ୍ପୀ ଭାବେ ଅନେକ ସୁନାମ ଓ ପ୍ରଶଂସପତ୍ର ହାସଲ କରିପାରିଛନ୍ତି। ସେହିଭଳି ସୋନୁଙ୍କୁ ଭଲ ପାଉଥିବା ଲୋକମାନେ ମଧ ନିଜ ନିଜ ଚିନ୍ତାଧାରାରେ ଜନ୍ମଦିନର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି।



# ଓଏସ୍‌ଏସ୍‌ସି ପରିଚାଳିତ ପରୀକ୍ଷାକୁ ନେଇ ବଢ଼ିଲା ସନ୍ଦେହ

### ପିଏସ୍‌ଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ଘଟଣା

ଭୁବନେଶ୍ୱର, ୩୦।୭ (ବ୍ୟୁରୋ)

ଓଡିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ(ଓଏସ୍‌ଏସ୍‌ସି) ସଦସ୍ୟଙ୍କ ପ୍ରାଇଭେଟ ସେକ୍ରେଟାରୀ (ପିଏସ୍) ବିରଞ୍ଚି ନରାୟଣ ସାହୁଙ୍କ ଘରେ ଶୁକ୍ରବାର ଭିଜିଲାନ୍ସ ଚଢ଼ାଉ ଘଟଣାକୁ ନେଇ ସାରା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି। ୨୫ଲକ୍ଷ ନଗଦ ଟଙ୍କା, ଦେଢ଼କେଜି ସୁନା ସହ ୩କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଠାବ ହୋଇଛି। ତେବେ ତାଙ୍କ ଘରୁ ମିଳିଥିବା ବିଡ଼ା ବିଡ଼ା ଟଙ୍କା, ବିଭିନ୍ନ ବ୍ୟାଙ୍କ ରସିଦ ଓ ଛାତ୍ରୀଛାତ୍ରଙ୍କ ଆଡ୍‌ମିଟ୍ କାର୍ଡ ଆଦି ଚାକିରି ପାଇଁ ଟଙ୍କା କାରବାରର ବଡ଼ ର୍‍ୟାକେଟର ସୂଚନା ଦେଉଛି। ଏହି ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ଟଙ୍କା ବଦଳରେ ଚାକିରି ର୍‍ୟାକେଟ ଚାଲୁଥିଲା କି ନାହିଁ ତାହାର ଖୋଳତାଡ଼ ଭିଜିଲାନ୍ସ କରୁଥିବାବେଳେ ଓଏସ୍‌ଏସ୍‌ସି ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ମିଶ୍ର ବିଭାଗୀୟ ତଦନ୍ତ ହେବ ବୋଲି କହିଛନ୍ତି। ତେବେ ଏହି ଘଟଣା ଓଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ ବିଭିନ୍ନ ପରୀକ୍ଷାକୁ ନେଇ ଚାକିରି ଆଶାୟୀ ଛାତ୍ରୀଛାତ୍ରଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି।





ଚଢ଼ାଉ ହୋଇଥିବା ବିରଞ୍ଚି ନାରାୟଣ ସାହୁଙ୍କ ଭୁବନେଶ୍ୱରସ୍ଥିତ ବାସଭବନ। ଜବତ ହୋଇଥିବା ସୁନା ଓ ଟଙ୍କା।

### ଟଙ୍କା ଭର୍ତ୍ତି ବ୍ୟାଗ୍ ଫୋପାଡ଼ି ଦେଇଥିଲେ ବିରଞ୍ଚି

ନୀଳାଦ୍ରୀବିହାରସ୍ଥିତ ଘରେ ଭିଜିଲାନ୍ସ ଚଢାଉ କରିବା ଜାଣି ବିରଞ୍ଚି ତରବରିଆ ଭାବେ ଏକ ବ୍ୟାଗ୍‌ରେ ଟଙ୍କା ଭର୍ତ୍ତି କରି ପାଚେରୀ କଡ଼କୁ ଫୋପାଡ଼ି ଦେଇଥିଲେ। ଏହା ଭିଜିଲାନ୍ସ ଅଧିକାରୀଙ୍କ ଆଖିରେ ପଡିବାରୁ ସେମାନେ ଏହାକୁ ଜବତ କରିଥିଲେ। ସେଥିରେ ବିଡ଼ାବିଡ଼ା ଟଙ୍କା ରହିଥିବାବେଳେ ବିପୁଳ ବିଦେଶୀ ମୁଦ୍ରା ରହିଥିଲା। ଏତେ ପରିମାଣର ବିଦେଶୀ ମୁଦ୍ରା କେଉଁଠୁ ଆସିଥିଲା ତାହାର ତଦନ୍ତ କରୁଛି ଭିଜିଲାନ୍ସ।

### ବଡ଼ ଅଧିକାରୀଙ୍କ ଲିଙ୍କ୍ ନେଇ ଖୋଳତାଡ଼

ବିରଞ୍ଚିଙ୍କ ଏତେ ସମ୍ପତ୍ତି ଠୁଳର ମାଧ୍ୟମ କ’ଣ ଥିଲା ? ଯଦି ଚାକିରି ର୍‍ୟାକେଟରୁ ଏସବୁ ଅର୍ଥ ଆସୁଥିଲା ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଥିଲେ, କେହି ବଡ଼ ଅଫିସରଙ୍କ ଲିଙ୍କ୍ ରହିଛି କି, ତାଙ୍କ ଘରୁ ମିଳିଥିବା ପିଲାଙ୍କ ବିଭିନ୍ନ ପ୍ରମାଣପତ୍ର, ଆଡ୍‌ମିଟ କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର କାହା ମାଧ୍ୟମରେ ଆସିଥିଲା ? ଏଭଳି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଥିବାବେଳେ ବଡ଼ ଅଫିସରଙ୍କ ଲିଙ୍କ୍ ପାଇବା ଏବେ ଭିଜିଲାନ୍ସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଅଧିକ ତଦନ୍ତ କରାଗଲେ ଏସବୁ ସାମ୍ନାକୁ ଆସିପାରିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

### ଗଣି ଗଣି ଥକିଗଲେ

ବିରଞ୍ଚିଙ୍କ ଘରେ ଯାଞ୍ଚ ସମୟରେ ଭିଜିଲାନ୍ସ ଟିମ୍ ବିଭିନ୍ନ ସ୍ଥାନରେ ଲୁଚାଯାଇଥିବା ଟଙ୍କା ବିଡ଼ା ପାଇଥିଲା। ଗଡ଼ରେଜ, ବ୍ୟାଗ୍ ଓ ଠାକୁର ଘର ମୂର୍ତ୍ତି ପାଖରୁ ଗଦାଗଦା ଟଙ୍କା ମିଳିଥିଲା। ଯାଞ୍ଚ ସରିବା ପରେ ଏସବୁ ଟଙ୍କାକୁ ଏକାଠି କରିଯିବା ପରେ ଗଣତି ଆରମ୍ଭ ହୋଇଥିଲା। ତେବେ ତାହାକୁ ଗଣି ଗଣି ଥକିଯାଇଥିଲେ ବୋଲି ଭିଜିଲାନ୍ସର ଜଣେ ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### ରେଳପଥ ମହାପ୍ରବନ୍ଧକଙ୍କୁ ମେସେଜ୍ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩୦।୭(ବ୍ୟୁରୋ): ରେଳମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ(ପିଏ) ପରିଚୟ ଦେଇ ଜଣେ ଇଞ୍ଜିନିୟରଙ୍କ ବଦଳି ବାତିଲ କରିବାକୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ନିକଟକୁ ଜଣେ ଯୁବକ ହ୍ୱାଟ୍ସଆପ୍‌ରେ ମେସେଜ କରିଥିଲେ। ସମ୍ପୃକ୍ତ ଯୁବକଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିବା ପରେ ଏବେ ର୍ୟାକେଟର ମୁଖ୍ୟ ଅଭିଯୁକ୍ତଙ୍କୁ ଦିଲ୍ଲୀରୁ ଧରିଛି। ସେ ହେଲେ ବାଲେଶ୍ୱର ଜିଲା ଖଇରା ଥାନା ରାମପୁର ଗ୍ରାମର ଗୋପାଳ ଶତପଥୀ। ତାଙ୍କୁ ପୋଲିସ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଶୁକ୍ରବାର କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଗୋପାଳ ଦିଲ୍ଲୀରେ ଏକ କମ୍ପାନୀ ଖୋଲି ବିଭିନ୍ନ ସଂସ୍ଥାକୁ ଠିକା କର୍ମଚାରୀ ଯୋଗାଇ ବ୍ୟବସାୟ କରୁଥିଲେ। ଉକ୍ତ କମ୍ପାନୀ ମେଡିକାଲ ସାମଗ୍ରୀ ମଧ୍ୟ ରପ୍ତାନି କରୁଥିଲା। କିଛିଦିନ ତଳେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣଙ୍କୁ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। 'ମୁଁ ରେଳମନ୍ତ୍ରୀଙ୍କ ପିଏ କହୁଛି। ମୋ ଅଫିସ୍‌ର ସିନିୟର ଡିଭିଜନାଲ ଇଞ୍ଜିନିୟର ପ୍ରଦୀପ ପ୍ରାଣିଗ୍ରାହୀ ଭଲ ଲୋକ। ତାଙ୍କର ୪ଥର ବଦଳି ହେଲାଣି। ୫ମଥର ପୁଣି ବଦଳି କରାଯାଇଛି। ତାଙ୍କ ବଦଳିକୁ ରୋକି ଦିଅନ୍ତୁ। ଏଭଳି ଏକ ମେସେଜ ପାଇ ମହାପ୍ରବନ୍ଧକ ରେଳମନ୍ତ୍ରୀଙ୍କ ଅଫିସ ସହ ଯୋଗାଯୋଗ କରିବାରୁ ସେଭଳି କିଛି ମେସେଜ୍ କରାଯାଇ ନ ଥିବା କୁହାଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୩୨୯/୨୧) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

### ବିଭିନ୍ନ ମାମଲାରେ ୨ ଗିରଫ

ଜଟଣୀ,୩୦।୭(ଡି.ଏନ୍.ଏ.): ଜଟଣୀ ଥାନା ପୋଲିସ ଶୁକ୍ରବାର ଜଣେ ମଦ ବେପାରୀକୁ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ଏହି ଥାନା ଅଧୀନ ପିତାପଲୀ ଗାଁର ଦୁର୍ଯ୍ୟୋଧନ ସ୍ୱାଇଁ। ତାଙ୍କ ନିକଟରୁ ୨୦ ଲିଟର ଦେଶୀମଦ ଜବତ ହୋଇଛି। ଏନେଇ ଥାନାରେ ମାମଲା (ନଂ.୩୮୧/୨୧) ରୁଜୁ ହୋଇଛି। ଅନ୍ୟପଟେ ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରଞ୍ଜନ ନାୟକ। ଏନେଇ ଥାନାରେ ଏକ ମାମଲା (ନଂ.୩୭୯/୨୧) ରୁଜୁ ହୋଇଛି।

### ଗଞ୍ଜେଇ ଜବତ ଘଟଣାରେ ଜଣେ ଗିରଫ

ନିରାକାରପୁର,୩୦।୭(ଡି.ଏନ୍.ଏ.): ଗଞ୍ଜେଇ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ ଘଟଣାରେ ଜଙ୍କିଆ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ପାଟପୁର ଥାନା ଓଡାମାରି ଗ୍ରାମର ମୁନା ଜେନା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଜଙ୍କିଆ ଥାନା ଅଧୀନ ଗୋଡିପଡା ଟୋଲଗେଟ୍‌ଠାରେ ଜାନୁୟାରୀ ୨୮ରେ ଗଞ୍ଜେଇ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ପୋଲିସ ଜବତ କରିଥିଲା। ୭୨କେଜି ଗଞ୍ଜେଇ ଜବତ ହୋଇଥିଲା। ତେବେ ଗାଡ଼ିଚାଳକ ଫେରାର ହୋଇ ଯାଇଥିଲେ।

# ଟିକାକରଣ କେନ୍ଦ୍ରରେ ଉତ୍ତେଜନା

## ପୋଲିସ ଲାଠି ମାଡ଼ରେ ୬ ଆହତ

ବାଣପୁର,୩୦।୭(ଡି.ଏନ୍.ଏ.)

କରୋନା ସଂକ୍ରମଣ ରୋକିବା ପାଇଁ ଟିକାକରଣ ଜାରି ରହିଛି। ଖୋର୍ଦ୍ଧା ଜିଲା ବାଣପୁରର କୃତ୍ତିବାସ ଭବନରେ ହୋଇଥିବା ଟିକାକରଣ କେନ୍ଦ୍ରରେ ଶୁକ୍ରବାର ଉତ୍ତେଜନା ଦେଖାଦେଇଥିଲା। ଫଳରେ ପୋଲିସର ଲାଠିମାଡ଼ରେ ୬ଜଣ ଆହତ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ବାଣପୁର ଟାଉନରେ ପୂର୍ବରୁ ଦୁଇଟି ଟିକାକରଣ କେନ୍ଦ୍ର ଥିବା ବେଳେ ଏବେ ଗୋଟିଏ କେନ୍ଦ୍ରରେ ଟିକା ଦିଆଯାଉଛି। ଗୁରୁବାର କୃତ୍ତିବାସ ଭବନରେ ୪୩୦ ଡୋଜ୍ ଟିକା ଦିଆଯିବା ପାଇଁ ସୂଚନା ଦିଆଯାଇଥିଲା। ଶୁକ୍ରବାର ୪୩୦ଟି ଟିକା ପାଇଁ ଆଶାୟୀଙ୍କ ଭିଡ଼ ଜମିଥିଲା। ଟିକାକେନ୍ଦ୍ରରେ ଆବଶ୍ୟକତାଠାରୁ ଅଧିକ ଲୋକେ ଆସିବାରୁ ଭିଡ଼କୁ ନିୟନ୍ତ୍ରଣ କରିବାରେ ଅସୁବିଧା ହୋଇଥିଲା। ପରେ



କୃତ୍ତିବାସ ଭବନ ଟିକାକରଣ କେନ୍ଦ୍ରରେ ଲୋକଙ୍କ ଭିଡ଼।

ଭିଡ଼କୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଓ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଫଳରେ ପୋଲିସର ଲାଠିମାଡ଼ରେ ୬ଜଣ ଆହତ ହୋଇଥିଲେ ବୋଲି ଉପସ୍ଥିତ ଲୋକେ ଅଭିଯୋଗ କରିଛନ୍ତି। ଏହାର କିଛି ସମୟ ପରେ ଟିକାଦାନ ଆରମ୍ଭ ହୋଇଥିବା ବେଳେ ପୋଲିସ କର୍ମଚାରୀମାନେ କେନ୍ଦ୍ରରୁ ଫେରି ଯାଇଥିଲେ। ଟିକାଦାନକୁ ନେଇ ପୁଣି ସମସ୍ୟା ଦେଖାଦେଇଥିଲା। ୪୦ଟି ଟିକା ବଳକା ରହିଥିବା ବେଳେ ସୁରକ୍ଷା ନ ଥିବା ଅଭିଯୋଗ କରି ଟିକାକେନ୍ଦ୍ରର କର୍ମଚାରୀମାନେ ଟିକାକରଣ ନ କରି ପଳାଇ ଯାଇଥିଲେ। ଫଳରେ ଘଟଣାସ୍ଥଳରେ ପୁଣି ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ଟିକା ନ ପାଇ ବହୁ ଲୋକେ ନିରାଶରେ ଘରକୁ ଫେରି ଯାଇଥିଲେ। ଗତ ଜୁନ ୩୦ରେ ବାଣପୁର ପୋଲିସ ଓ ପ୍ରଶାସନ ପକ୍ଷରୁ ପଞ୍ଚାୟତ ଓ ଏନଏସିରରେ ୱାର୍ଡ ଅନୁଯାୟୀ ଟିକାଦାନ କେନ୍ଦ୍ରର ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। କରାଯାଇଥିଲା ଅଦ୍ୟାବଧି ଏହାକୁ କାର୍ଯ୍ୟକାରୀ ହୋଇପାରି ନାହିଁ। ଅନଲାଇନ ମାଧ୍ୟମରେ ଟିକା ପାଇଁ ସମୟ ଧାର୍ଯ୍ୟର ସୁବିଧା କରାଗଲେ ଟିକାକେନ୍ଦ୍ରରେ ଭିଡ଼ ହେବନାହିଁ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତପ୍ରକାଶ ପାଇଛି।

# ଏସ୍‌ପି, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

## ବ୍ୟବସାୟୀଙ୍କୁ ଗୁଳିକରି ୮୦ ହଜାର ଲୁଟ୍ ଘଟଣା

ଖୋର୍ଦ୍ଧା ଅଫିସ,୩୦।୭

ବାଘମାରୀ ଥାନା ଅଧୀନ ବାଘମାରୀ ତଳସାହି ନିକଟରେ ଗୁରୁବାର ରାତିରେ ୪ଜଣ ଦୁର୍ବୃତ୍ତ ବ୍ୟବସାୟୀ ମନୋରଞ୍ଜନ ସାମନ୍ତରାୟଙ୍କୁ ଗୁଳିମାଡ଼ କରି ୮୦ ହଜାର ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ଶୁକ୍ରବାର ଏସ୍‌ପି ରାଜକିଶୋର ଦୋରା, ସାଇଣ୍ଟିଫିକ ଟିମ୍ ଓ ସ୍ଥାନୀୟ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ବାଘମାରୀ ବଜାରରେ ଲାଗିଥିବା ସମସ୍ତ ସିସିଟିଭି ଯାଞ୍ଚ କରିବା ସହ ଘଟଣାସ୍ଥଳରୁ ଗୋଟିଏ ଖୋକା, ଚପଲ, ବାଇକ୍ ଏବଂ ଦୁର୍ବୃତ୍ତମାନେ ଆସିଥିବା ପଲ୍‌ସର ବାଇକ୍‌ର ଏକ ଭଙ୍ଗା ଇଣ୍ଡିକେଟରକୁ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୫୫/୨୧) ରୁଜୁ ହୋଇଛି। ସୂଚନାଥାଉ କି, ବାଘମାରୀ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବାଘମାରୀ ବ୍ରାହ୍ମଣସାହିର ମନୋରଞ୍ଜନଙ୍କ ଗ୍ରସେରି ଦୋକାନ ରହିଛି। ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ଦୋକାନ ବନ୍ଦ କରି ବାଇକ୍‌ରେ ଏକ ବ୍ୟାଗରେ ଟଙ୍କା ଧରି ଘରକୁ ଫେରୁଥିଲେ। ୪ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିବା ସହ ସ୍କୁଲ ନିକଟରେ ହଠାତ୍ ତାଙ୍କୁ ଅଟକାଇଥିଲେ। ମନୋରଞ୍ଜନ ସେଠାରୁ ଖସି ଦୌଡ଼ିବାକୁ ଉଦ୍ୟମ ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୁଳିମାଡ଼ କରିଥିଲେ। ଗୋଟିଏ ଗୁଳି ତାଙ୍କ ଡାହାଣ ଗୋଡ଼ରେ ବାଜିଥିଲା। ପରେ ଦୁର୍ବୃତ୍ତମାନେ ତାଙ୍କଠାରୁ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମନୋରଞ୍ଜନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ତାଙ୍କ ଗୋଡ଼ରୁ ଗୁଳି ବାହାର କରାଯାଇଛି।

# ଅତିଥି ଦେବୋ ଭବଃ ଶୁଭ ମହୁରତ

ପୁରୀ ଅଫିସ,୩୦।୭

ରାପ ସଙ୍ଗୀତ ଅତିଥି ଦେବୋ ଭବଃର ଉନ୍ମୋଚନ ଶୁକ୍ରବାର ବଡ଼ଶଙ୍ଖ ସ୍ଥିତ ଏଚ୍.ଆର ଲଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଏକ ଆଧ୍ୟାତ୍ମିକ ସହର ହୋଇଥିବାରୁ ମହାପ୍ରଭୁଙ୍କ ଦର୍ଶନ ସହ ବେଳାଭୂମିର ମଜା ନେବା ପାଇଁ ଦେଶ ଓ ଦେଶ ବାହାରୁ ବହୁ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ପୁରୀକୁ ବୁଲିବାକୁ ଆସନ୍ତି। ତେବେ ପୁରୀକୁ ଅତିଥିମାନଙ୍କର ଆଗମନ ପାଇଁ ଏକ ସୁନ୍ଦର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ କଳାକାର ସମୀର ଶତପଥୀଙ୍କ ନିର୍ଦ୍ଦେଶିତ ଏବଂ ଯୁବ ସେବାୟତ ସିଂହାରୀ ରାଜେଶ କୁମାର କରଙ୍କ ଅଭିନୀତ ଏକ ରାପ୍ ସଙ୍ଗୀତ ଅତିଥି ଦେବୋ ଭବଃ ଉନ୍ମୋଚିତ ହୋଇଥିଲା। ଉନ୍ମୋଚନ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ବରିଷ୍ଠ ସେବାୟତ ସାଇନା ଖୁଣ୍ଟିଆ, ନିର୍ଦ୍ଦେଶକ ସମୀର ଶତପଥୀ ଏବଂ ସେବାୟତ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ରାପର ରାଜେଶ ଏହି ସଙ୍ଗୀତର ପ୍ରଯୋଜନା ସହ କଣ୍ଠଦାନ ମଧ୍ୟ କରିଛନ୍ତି। ରାପର ରାଜେଶ ବର୍ତ୍ତମାନ ସୁଦ୍ଧା ୪୯ରୁ ଅଧିକ ରାପ୍ ସଙ୍ଗୀତ ଲେଖିଛନ୍ତି। ସେଥିମଧ୍ୟରୁ ଡମ୍ବର ଡମ୍ବୁର ନାମରେ ପ୍ରଥମରୁ ଗୋଟିଏ ସଙ୍ଗୀତ ରିଲିଜ ହୋଇଥିବା ବେଳେ ଅତିଥି ଦେବୋ ଭବ ତାଙ୍କର ଦ୍ୱିତୀୟ ରାପ୍ ସଙ୍ଗୀତ। ଆଗକୁ ଚଳଚ୍ଚିତ୍ରରେ ରାପ୍ ସଙ୍ଗୀତ ଗାଇବା ପାଇଁ ରାପର ସିଂହାରୀ ରାଜେଶ କୁମାର କର ଲକ୍ଷ୍ୟ ରଖିଛନ୍ତି। ଉନ୍ମୋଚିତ ହୋଇଥିବା ସଙ୍ଗୀତରେ ରାଜେଶଙ୍କ ବ୍ୟତୀତ ଆର୍ଯ୍ୟନ ଖୁଣ୍ଟିଆ, ସିପ୍ରା, କିରଣ, ଦେବସ୍ମିତା , ପିୟୁସ ଏବଂ ଫେଟ ଫାଇଟର ମାଲଖମ୍ବର ସଦସ୍ୟମାନେ ଅଭିନୟ କରିଛନ୍ତି। ସେହିପରି ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକ ସହଯୋଗ କରିଛନ୍ତି।




ଅଲ୍ ଓଡ଼ିଶା ଟ୍ରାନ୍ସପୋର୍ଟ ଫେଡେରେଶନ, ଜଟଣୀ ପକ୍ଷରୁ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ/ଜଟଣୀ, ୩୦।୭ (ଡି.ଏନ୍.ଏ.)

ଅଲ୍ ଓଡ଼ିଶା ଟ୍ରାନ୍ସପୋର୍ଟ ଫେଡେରେଶନ ଓ ଟ୍ୟାଙ୍କଲରି ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ, ଜଟଣୀ ପକ୍ଷରୁ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିବହନ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କରୋନା ପାଇଁ ଗତ ବର୍ଷ ମାର୍ଚ୍ଚରୁ ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ ପାଇଁ ଯାନବାହନ ଚଳାଚଳ ବନ୍ଦ ରହିବା ଫଳରେ ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀ ରୋଜଗାର ହରାଇ ହଇରାଣ ହେଉଛନ୍ତି। କାର୍ଯ୍ୟରତ କର୍ମଚାରୀଙ୍କୁ ୬ମାସ ପର୍ଯ୍ୟନ୍ତ ମାସିକ ୭୫୦୦ ଟଙ୍କା, ୧୦ କେଜି ଚାଉଳ ପ୍ରଦାନ କରିବା ପାଇଁ ଦାବି ହୋଇଛି। ଏହି କାର୍ଯ୍ୟକ୍ରମରେ ଟ୍ୟାଙ୍କ ଲରି ଜଟଣୀ ଶାଖା ଉପସଭାପତି ନିରଞ୍ଜନ ବେହେରା, ହାଡ଼ିବନ୍ଧୁ ବେହେରା, ପ୍ରଭାତ ପାଣିଗ୍ରାହୀ, ଗିରିଶ ମହାରଣା, ଯତୀନ ମହାନ୍ତି, ଗଣେଶ ବେହେରା, କରୁଣାକର ବିଶ୍ୱାଳ, ଲକ୍ଷ୍ମୀଧର ଗୁରୁ, ବିଦ୍ୟୁଭୂଷଣ ମହାରଣା, ଅଜୟ ବାରିକଙ୍କ ସମତେ ବହୁ କର୍ମଚାରୀ ବିକ୍ଷୋଭରେ ସାମିଲ ହୋଇଥିଲେ।

# ମାନ୍ୟତା ମିଳିଛି, ଗୁରୁତ୍ୱ ଦିଆଯାଉନି

## ବାବା ବୁଖାରୀ ପୀରବାବାଙ୍କ ପୀଠ

- ଭିତ୍ତିଭୂମି ଅଭାବ, ପାନ୍ଥନିବାସ ଦାବି
- ଫଳକ ଲଗାଇ ଦାୟିତ୍ୱ ସାରିଦେଇଛି ପର୍ଯ୍ୟଟନ ବିଭାଗ

ଖୋର୍ଦ୍ଧା ଅଫିସ,୩୦।୭

ଖୋର୍ଦ୍ଧା ଜିଲା କାଇପଦରଠାରେ ରହିଛି ବାବା ବୁଖାରୀ ପୀରବାବାଙ୍କ ପୀଠ। ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ। ଏହି ପୀଠକୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ମିଳିଛି। ହେଲେ ପୀଠ ଆଗରେ ଏକ ଫଳକ ଲଗାଇ ଦେଇ ପର୍ଯ୍ୟଟନ ବିଭାଗ ନିଜ ଦାୟିତ୍ୱ ଖସାଇ ନେଇଛି। ପୀଠରେ ଭିତ୍ତିଭୂମିର ଅଭାବ ଏବଂ ରୋଗୀଙ୍କ ରହିବା ଲାଗି କୌଣସି ବ୍ୟବସ୍ଥା ନ ଥିବାରୁ ଦୂରରୁ ଏଠାକୁ ଆସୁଥିବା ରୋଗୀ ହଇରାଣ ହେଉଛନ୍ତି। ପୀଠରେ ପାନ୍ଥନିବାସ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ଲାଗି ପରିଚାଳନା କମିଟି ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏନେଇ କମିଟି ପକ୍ଷରୁ ରାଜ୍ୟ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ, ଜିଲା ପ୍ରଶାସନ ଏବଂ ଭୁବନେଶ୍ୱର ଏମ୍‌ପିଙ୍କ ନିକଟକୁ ଚିଠି ଲେଖି ଏହି ପୀଠର ବିକାଶ ଲାଗି ବାରମ୍ବାର ଅନୁରୋଧ କରାଯାଇଛି। ଦାବି ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି।

ଏହି ପୀଠ ହିନ୍ଦୁ ଏବଂ ମୁସଲମାନଙ୍କ ପାଇଁ ଭାଇଚାରା, ଭ୍ରାତୃତ୍ୱର ବାର୍ତ୍ତା ବହନ କରିଥାଏ। ଦୈନିକ ଶହ ଶହ ଶ୍ରଦ୍ଧାଳୁ ଏଠାକୁ ଦର୍ଶନ ଲାଗି ଆସିଥା'ନ୍ତି। ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗୀ



ଏବଂ ମାନସିକଧାରୀ ଏଠାକୁ ମାନସିକ ପୂରଣ ଲାଗି ଆସନ୍ତି। ତେବେ ଭିତ୍ତିଭୂମି ଅଭାବରୁ ଆସୁଥିବା ଲୋକେ ହଇରାଣ ହେଉଛନ୍ତି। ରାଜ୍ୟ ସରକାର ସମସ୍ତ ଧାର୍ମିକ ଓ ଐତିହ୍ୟସ୍ଥଳର ଉନ୍ନତି ଲାଗି କୋଟିଏ ଟଙ୍କା ଲେଖାଏ ଅନୁଦାନ ଘୋଷଣା କରିଥିଲେ। ଅଦ୍ୟାବଧି ଅନୁଦାନରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହୋଇନାହିଁ। ବାହାରୁ ଆସୁଥିବା ମାନସିକଧାରୀଙ୍କ ରହିବା ଲାଗି ଏକ ପାନ୍ଥ ନିବାସ ନିର୍ମାଣ ଲାଗି ଦାବି ହୋଇଛି। ଦୈନିକ ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗୀ ଓ ତାଙ୍କ ସହଯୋଗୀ ବିଭିନ୍ନ ମାନସିକ ପୂରଣ ନେଇ ଗୁହାରିଆ ପଡ଼ନ୍ତି। ତେବେ ଗୁହାରିଆ ପଡୁଥିବା ଲୋକଙ୍କ ଲାଗି କୌଣସି ସୁବିଧା ନାହିଁ। ଫଳରେ ପୀଠର ରାସ୍ତାକଡ଼ରେ ଗୁହାରିଆ (ମାନସିକ ପୂରଣ ନ ହେବା ପର୍ଯ୍ୟନ୍ତ) ପଡ଼ିରହନ୍ତି। ଏଠାରେ ଏକ ପାନ୍ଥ ନିବାସ ନିର୍ମାଣ କରାଗଲେ ମାନସିକଧାରୀ ଏବଂ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂରଣରେ ସହଯୋଗ ହୋଇପାରିବ ବୋଲି ପରିଚାଳନା କମିଟିର ଏସ୍. ଉମ୍ମାର ଅଲ୍ଲୀ କହିଛନ୍ତି। ସୂଚନାଥାଉ କି, ୧୭୦୦ ମସିହାରେ ହଜରତ ବୁଖାରୀ ପୀରବାବା ନାମକ ଜଣେ ସନ୍ନ୍ୟାସୀ ଏହି ଅଞ୍ଚଳକୁ ଆସିଥିଲେ। ସେ ବରୁଣେଇ ପାହାଡ଼ ପାଦଦେଶରେ ରହି ଧ୍ୟାନ କରୁଥିଲେ। ଦିନେ ଜଣେ ଗଉଡ଼ ବାବାଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ସେ ତାଙ୍କ ଅନୁଗତ ପାଲଟି ଯାଇଥିଲା। ଏକଦା ସେ ବାବାଙ୍କ ଚାରିପଟେ ଉଇହୁଙ୍କା ହୋଇଯାଇଥିବା ଦେଖିବାକୁ ପାଇଥିଲା। ବାବାଙ୍କ କଥାରେ ସେ ତାଙ୍କ ନିକଟରେ ଡାହାଣ ପାର୍ଶ୍ୱରେ ବସିପଡ଼ିଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ଶରୀର ହୁଙ୍କାରେ ବିଲୀନ ହୋଇ ଯାଇଥିଲା। ସମୟକ୍ରମେ ଉଭୟ ଦେହ ତ୍ୟାଗ କରିଥିଲେ। ଉଭୟ ସମାଧିପୀଠ ବାବା ବୁଖାରୀ ଏବଂ ପୀରବାବା ପୀଠ ଭାବେ ପରିଚିତ ହୋଇଥିଲା। ଲୋକକଥା ରହିଛି ଯେ, ଏକଦା ଗଜପତି ମହାରାଜା ରାମଚନ୍ଦ୍ରଦେବ ରୋଗରେ ପୀଡ଼ିତ ହୋଇ ବାବାଙ୍କ ଆଶ୍ରିତ ହୋଇଥିଲେ। ପରେ ସେ ରୋଗମୁକ୍ତ ହୋଇଥିଲେ। ଏପରିକି ବାବାଙ୍କ ପାଣିର ଆବଶ୍ୟକତା ପଡ଼ିବାରୁ ହାତରେ ଧରିଥିବା ବର୍ଚ୍ଛା ଭୂଇଁକୁ ସ୍ପର୍ଶ କରିବା ମାତ୍ରକେ ଏକ ଝର ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଏହା ପୀଠକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଲାଗି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

### ୨ କୋଠା, ୩ କ୍ୟାବିନ ପ୍ରଶାସନ ପକ୍ଷରୁ ଉଚ୍ଛେଦ

କାଇପଦରସ୍ଥିତ ବାବା ବୁଖାରୀ ପୀରବାବା ପୀଠର ସୌନ୍ଦର୍ଯ୍ୟକରଣ ଏବଂ ଆନୁସଙ୍ଗିକ ବିକାଶ କାର୍ଯ୍ୟରେ ଜବରଦଖଲ ବାଧକ ସାଜିଥିଲା। ଶୁକ୍ରବାର ପୀଠ ଆଗରେ ରହିଥିବା ୨ଟି କୋଠା ଏବଂ ୩ କ୍ୟାବିନକୁ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ତେବେ ଉଚ୍ଛେଦ ବେଳେ ସ୍ଥାନୀୟ ଦୋକାନୀମାନେ ବିରୋଧ କରିଥିଲେ। ଏଥିସହ ଉଚ୍ଛେଦ ସ୍ଥାନକୁ ଅବରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ବୁଝାଶୁଝା ପରେ ଅବରୋଧ ହଟାଯାଇ ଉଚ୍ଛେଦ କରାଯାଇଥିଲା। ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁଙ୍କ ନେତୃତ୍ୱରେ ସଦର ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର, ସଦର ଥାନାଧିକାରୀ ଅନିତା ସାହୁଙ୍କ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏନେଇ ତହସିଲଦାର ସାହୁ କହିଛନ୍ତି, ଏହା ଏକ ଧାର୍ମିକ ପୀଠ। ଦେଶର ବିଭିନ୍ନ ପ୍ରାନ୍ତରୁ ଏଠାକୁ ଶ୍ରଦ୍ଧାଳୁ ଆସିଥାନ୍ତି। ଏହି ପୀଠର ବିକାଶ ଲାଗି ସରକାର ସ୍ଥିର କରିଛନ୍ତି। ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ ସମ୍ପର୍କରେ ଜିଲା ପ୍ରଶାସନ ସହ ଆଲୋଚନା କରାଯିବ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଶିବପ୍ରସାଦ



@ ମାନସ



@ ଦେବ



@ ଶାହାବାଜ୍



@ ସନ୍ତୋଷ



@ ଭଗବାନ

# ୫୫୯ ବିଦ୍ୟାର୍ଥୀ ଦେଲେ ମାଟ୍ରିକ ପରୀକ୍ଷା



ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି।

ଖୋର୍ଦ୍ଧା ଅଫିସ,୩୦।୭

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ଅସନ୍ତୁଷ୍ଟ ବିଦ୍ୟାର୍ଥୀ ଏହି ପରୀକ୍ଷା ଦେଉଛନ୍ତି। ଖୋର୍ଦ୍ଧା ଜିଲାରେ ମୋଟ୍ ୧୨ଟି ପରୀକ୍ଷା କେନ୍ଦ୍ରରେ ୭୧୨ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ପ୍ରଥମ ଦିନରେ ମୋଟ୍ ୫୫୯ଜଣ ପରୀକ୍ଷା ଦେଇଛନ୍ତି। ୧୫୩ ବିଦ୍ୟାର୍ଥୀ ଅନୁପସ୍ଥିତ ଥିଲେ। ତେବେ ହାଇସ୍କୁଲ ସାର୍ଟିଫିକେଟରେ ୩୮୪ ବିଦ୍ୟାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ୩୨୬ଜଣ ଉପସ୍ଥିତ ଥିଲେ। ୫୮ବିଦ୍ୟାର୍ଥୀ ଅନୁପସ୍ଥିତ ରହିଥିଲେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟରେ ୩୨୮ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ୨୩୩ଜଣ ଉପସ୍ଥିତ ଥିଲେ। ୯୫ ବିଦ୍ୟାର୍ଥୀ ଅନୁପସ୍ଥିତ ରହିଥିଲେ।

**ବିଶ୍ୱ ଯୁବ କୌଶଳ ଦିବସ କାର୍ଯ୍ୟକ୍ରମ ଉଦ୍‌ଯାପିତ**

ପୁରୀ ଅଫିସ - ସର୍ବୋଦୟ ନଗରସ୍ଥିତ ଜନଶିକ୍ଷଣ ସଂସ୍ଥାନ କାର୍ଯ୍ୟାଳୟ ପରିସରରେ ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟୋଗିତା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଜନଶିକ୍ଷଣ ସଂସ୍ଥାନ ପୁରୀ ଆନୁକୂଲ୍ୟରେ ୧୫ ଦିନ ଧରି ଚାଲିଥିବା ବିଶ୍ୱ ଯୁବ କୌଶଳ ଦିବସ ଓ ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପୁରୀ ଜିଲାର ସତ୍ୟବାଦୀ, ଡେଲାଙ୍ଗ, ଗୋପରେ ଯୁବ କୌଶଳ ଦିବସ ଓ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍ଥ ପରିଚାଳନା କମିଟିର ସଦସ୍ୟ ଅଧାପକ ପ୍ରଭାତ ରଞ୍ଜନ ପ୍ରଧାନ, ସଂସ୍ଥାନର ନିର୍ଦ୍ଦେଶକ ଜ୍ଞାନବିକାଶ ଗଜେନ୍ଦ୍ର ଉପସ୍ଥିତ ସମସ୍ତ ପ୍ରଶିକ୍ଷକ ପ୍ରଶିକ୍ଷାର୍ଥୀମାନଙ୍କୁ ଶପଥ ପାଠ କରାଇଥିଲେ। ପଦ୍ମଚରଣ ସେଠୀ ପରିଚାଳନା କରିଥିବାବେଳେ ଶ୍ରୀଧର ଦାସ ଧନ୍ୟବାଦ ଦେଇଥିଲେ।






୩୦।୦୭।୨୦୨୧

୯୬୬ ଟଙ୍କା

## ସଂକ୍ଷେପରେ

### କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩୦।୭(ବ୍ୟୁରୋ)/ପିପିଲି(ଡିଏନ୍‌ଏ/ସ୍ୱପ୍ର): କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ପୁରୀ ଜିଲା ନିମାପଡା-ପିପିଲି ଓଭରବ୍ରିଜ୍ ନିକଟରେ ଚଢାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ପିପିଲି ଥାନ ଅଞ୍ଚଳର ଇମ୍‌ତାଜ୍ ଖାନ୍। ତାଙ୍କ ନିକଟରୁ ୧ କେଜି ୪୮ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୨୬/୨୧) ରୁଜୁ କରିବା ସହ ଅଭିଯୁକ୍ତ ଇମ୍‌ତାଜଙ୍କୁ ପୁରୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟକୁ ଚାଲାଣ କରିଛି।

### କୋଭିଡ୍ ସେଣ୍ଟରରୁ ଚମ୍ପଟ ଅଭିଯୁକ୍ତ ଗିରଫ

ନିମାପଡା,୩୦।୭(ଡି.ଏନ୍.ଏ.)- କୋଣାର୍କ କୋଭିଡ୍ କେୟାର ସେଣ୍ଟରରେ ରହୁଥିବା ଜଣେ କରୋନା ଆକ୍ରାନ୍ତ ଅଭିଯୁକ୍ତ ବୁଧବାର ବିଳମ୍ବିତ ରାତିରେ ସେଣ୍ଟରରୁ ପାଇଖାନା କାଚ ଭାଙ୍ଗି ଫେରାର ହୋଇଯାଇଥିଲେ। ଏହି ଫେରାର ଆସାମୀକୁ ଧରିବା ପାଇଁ ପୋଲିସ ବିଭିନ୍ନ ଅଞ୍ଚଳରେ ଚଢାଉ ଚଳାଇଥିବା ବେଳେ ଶୁକ୍ରବାର ନିମାପଡା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ, ଚାରିଛକ ଫାଣ୍ଡି ଅଧିକାରୀ ସନ୍ତୋଷ ସାହୁ ପ୍ରମୁଖ ନିମାପଡା ଥାନା ପାଟପୁର ଗ୍ରାମଠାରୁ ଏହି ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଚାରିଛକ ଫାଣ୍ଡି ଅଧୀନ ତେନ୍ତୁଲିଶା ଗ୍ରାମର ମାନସ ମହାପାତ୍ର। ଏ ନେଇ ଥାନାରେ ଗତ ୨୨ ତାରିଖରେ ମାମଲା(ନଂ.୨୫୭/୨୧) ରୁଜୁ ହୋଇଛି। ସୂଚନା ଥାଉ କି, ମାନସ ଏକ ଚୋରି ମାମଲାରେ ଜେଲରେ ଥିବାବେଳେ ତା'ର କରୋନା ପଜିଟିଭ ଆସିଥିଲା। ସେଥିପାଇଁ ତାକୁ କରୋନା କୋଭିଡ କେୟାର ସେଣ୍ଟର କୋଣାର୍କକୁ ପଠାଇ ଦିଆଯାଇଥିଲା।

### ଗାୟକ ବ୍ୟାସଙ୍କ ଜୟନ୍ତୀ ପାଳିତ

କୋଣାର୍କ,୩୦।୭(ଡି.ଏନ୍.ଏ.)- କୋଣାର୍କ ସନ୍ନିକଟ ବାଙ୍ଗୋର ବରପଦାସ୍ଥିତ ବିଶ୍ୱଶାନ୍ତି ସେବାଶ୍ରମ ପରିସରରେ ଗୁରୁବାର ଗୁରୁଦେବ ଗାୟକ ବ୍ୟାସ ଲକ୍ଷ୍ମୀଧର ଦାଶଙ୍କ ୬୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ପାଲା ଗାୟକ ପରିଷଦର ସଭାପତି ମଦନ ମୋହନ ଜେନା, ମୁଖ୍ୟବକ୍ତା ରାଜ୍ୟ ପାଲା ଟ୍ରଷ୍ଟ ବୋର୍ଡ କୋଷାଧକ୍ଷ ଯୁଧିଷ୍ଠିର ପରିଜା, ସମ୍ମାନିତ ଅତିଥି ସାଧାରଣ ସମ୍ପାଦକ ବସନ୍ତ ରାଉତ, ଅର୍କ ମଣ୍ଡଳ ସଭାପତି ଉପେନ୍ଦ୍ର ନାଥ ବେହେରା, ରମେଶ ଚନ୍ଦ୍ର ବେହେରା ପ୍ରଭୃତି ଯୋଗଦେଇ ଗୁରୁ ଦାଶଙ୍କ ସ୍ମୃତି ଆଲୋଚନା କରିଥିଲେ। ସମ୍ପାଦକ ମଙ୍ଗରାଜ ବିଶାଳ ଅତିଥି ପରିଚୟ ଦେଇଥିଲେ। ସଭାପତି ଲମ୍ବୋଦର ବେହେରା ସହଯୋଗ କରିବା ସହ ପଣ୍ଡିତ ଶରତ ଦାଶ ମନ୍ତ୍ରପାଠ କରିଥିଲେ। ଗାୟକ ବାଚସ୍ପତି ବନବିହାରୀ ଗ୍ରହାଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗାୟକ ହରିହର ଜେନା, ଅନାଦି ଚରଣ ପ୍ରଧାନ, ସଂଘମିତ୍ରା ବରାଳ ପ୍ରମୁଖ ସହଯୋଗ କରିଥିଲେ। ଗାୟକ ସିଦ୍ଧାନ୍ତଦର୍ଶୀ ମଦନ ମୋହନ ଜେନା, ଗାୟକ ସୁଧାକର ଯୁଧିଷ୍ଠିର ପରିଜା ଏବଂ ନାଗପୁର ଗଣେଶ ପୂଜା ପାଲା ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଗିରଫ

**ଯୁବକଙ୍କୁ ହତ୍ୟା ଘଟଣା**

■ ୨ ଭୁଜାଲି, ୪ ମୋବାଇଲ, ବାଇକ୍ ଜବତ

ପୁରୀ ଅଫିସ, ୩୦।୭

ପୁରୀ ବାସେଳି ସାହି ଥାନା ଅନ୍ତର୍ଗତ ବଡ ପୋଖରୀ ଯେଗା ତିଆଡି ବଗିଚା ନିକଟରେ ଗତ ୨୫ ତାରିଖ ରବିବାର ଘଟିଥିବା ସୋଲ କାରିଗର ଜିତେନ୍ଦ୍ର ପୁରୋହିତଙ୍କ ହତ୍ୟାକାଣ୍ଡ ଘଟଣାର ଶୁକ୍ରବାର ପୋଲିସ ରହସ୍ୟ ଉନ୍ମୋଚନ କରିଛି। ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଏହି ଥାନା ଅନ୍ତର୍ଗତ ସୂର୍ଯ୍ୟନାରାୟଣ ବିଶ୍ୱାଳ ଓରଫ ଗେଡ୍ଡୁମୁଣ୍ଡି, ଶିବ ନାରାୟଣ ବିଶ୍ୱାଳ ଓରଫ ସାନ ମୁଣ୍ଡି, ଲକ୍ଷ୍ମୀନାରାୟଣ ବିଶ୍ୱାଳ ଓରଫ ଆଗ ମୁଣ୍ଡି, ତ୍ରିଦେବୀ ନଗରର ଆଶିଷ ରଥ ଏବଂ ମାର୍କଣ୍ଡେଶ୍ୱର ସାହି ପାଣ୍ଡଜାଗା ଅଞ୍ଚଳର ନିରଞ୍ଜନ ମହାନ୍ତି ଓରଫ ଜଗା। ସେମାନଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ୨ଟି ଭୁଜାଲି, ୨ଟି ଚାପଡ଼, ୪ଟି ମୋବାଇଲ, ଓଡି ୦୨ଏସ୍ ୪୫୦୭ ନମ୍ବର ବିଶିଷ୍ଟ ଏକ ପଲସ୍‌ର ବାଇକ ଏବଂ ଓଆର ୧୩ କେ ୩୮୬୩ ନମ୍ବର ବିଶିଷ୍ଟ ଏକ ସ୍କୁଟି ଜବତ କରିଛି। ଏ ନେଇ ପୋଲିସ ମାମଲା(ନଂ.୧୩୧ /୨୧) ରୁଜୁ କରିଛି।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀମାନେ ଅଭିଯୁକ୍ତଙ୍କ ବିଷୟରେ ସୂଚନା ଦେଉଛନ୍ତି।

ଏହି ଘଟଣାର ସମ୍ପୃକ୍ତ ବିବରଣୀ ଏକ ଖବରଦାତା ସମ୍ମିଳନୀ ଜରିଆରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଜିତେନ୍ଦ୍ର ଏବଂ ଗେଡ୍ଡୁମୁଣ୍ଡି ୨ ସାଙ୍ଗ ଥିଲେ। କିଛିବର୍ଷ ପୂର୍ବେ ଗୋଟିଏ ମାମଲାରେ ଦୁହେଁ ସାମିଲ ଥିଲେ। ଏହି ମାମଲାକୁ ଆଧାର କରି ଦୁଇଜଣଙ୍କ ମଧ୍ୟରେ ବିବାଦ ଦେଖାଯାଇ ପରେ ଶତ୍ରୁତା ହୋଇଥିଲା। ଏ ନେଇ ଗେଡ୍ଡୁମୁଣ୍ଡି ୨୦୧୮ରେ ଜିତେନ୍ଦ୍ରଙ୍କ ଘରକୁ ବୋମା ଫିଙ୍ଗି ଜେଲ ଯାଇଥିଲେ। ଜେଲ୍‌ରୁ ମୁକୁଳିବା ପରେ ଗେଡ୍ଡୁମୁଣ୍ଡି ପୁଣି ପ୍ରତିଶୋଧ ନେବା ପାଇଁ ଭାଇ ସାନମୁଣ୍ଡି ଏବଂ ଅଗମୁଣ୍ଡି ସହ ମିଶି ଯୋଜନା କରିଥିଲେ। ଗତ ୨୫ ତାରିଖରେ ଉକ୍ତ ୩ଜଣ ସହ ଆଶିଷ ଏବଂ ଜଗା ମିଶି ତିଆଡି ବଗିଚା ନିକଟରେ ଜିତେନ୍ଦ୍ରଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ଏସ୍‌ପି କେ. ବିଶାଳ ସିଂହ ପହଞ୍ଚି ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ଟି ଟିମ୍ ଗଠନ କରାଯାଇଥିଲା। ଗୋଟିଏ ଟିମ୍‌ର ନେତୃତ୍ୱ ସିଟି ଡିଏସପି ନେଇଥିବା ବେଳେ ଅନ୍ୟ ଦୁଇଟି ଟିମ ନେତୃତ୍ୱ ବାସେଳିସାହି ଥାନା ଆଇଆଇସି ଏବଂ ଟାଉନଥାନା ଆଇଆଇସି ନେଇଥିଲେ। ଜିଲା ଏବଂ ଜିଲା ବାହାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ। ଘଟଣାର ଗୁରୁତ୍ୱକୁ ନଜରରେ ରଖି ୩୦ଦିନ ଭିତରେ ପୋଲିସ ଚାର୍ଜଶିଟ ଦାଖଲ କରିବ। ସେହିପରି ପରିବାର ଲୋକ ଯେପରି ଶୀଘ୍ର ନ୍ୟାୟ ପାଇପାରିବେ ସେଥିପାଇଁ ପୋଲିସ ପକ୍ଷରୁ କୋର୍ଟକୁ ଅନୁରୋଧ କରାଯିବ। ବର୍ତ୍ତମାନ ୫ଜଣ ଗିରଫ ହୋଇଥିଲେ ମଧ୍ୟ ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା, ସିଟି ଡିଏସପି ଜନାର୍ଦ୍ଦନ ପାଢୀ, ବାସେଳୀ ସାହି ଥାନା ଆଇଆଇସି ସଞ୍ଜୀବ ପ୍ରଧାନ ଏବଂ କୁମ୍ଭାରପଡା ଥାନା ଆଇଆଇସି ବିଚିତ୍ରା ନନ୍ଦ ସେଠୀ ଉପସ୍ଥିତ ଥିଲେ।

# ବାଲିବନ୍ତ ସୁରକ୍ଷା ନିମନ୍ତେ ଜନ ସମାବେଶ



ବାଲିବନ୍ତ ସୁରକ୍ଷା ନେଇ ବ୍ରହ୍ମଗିରିରେ ସ୍ଥାନୀୟ ସହଦେବ ପୀଠରେ ଜନସମାବେଶ ହୋଇଛି।

ବ୍ରହ୍ମଗିରି,୩୦।୭(ଡି.ଏନ୍.ଏ.)

ବ୍ରହ୍ମଗିରି ଅଞ୍ଚଳରେ ଥିବା ଉପକୂଳୀୟ ବାଲିବନ୍ତର ସୁରକ୍ଷା ପାଇଁ ଦିନକୁ ଦିନ ଜନ ଆନ୍ଦୋଳନ ତେଜିବାକୁ ଲାଗିଛି। ଏ ନେଇ ଉପକୂଳ ବାଲିବନ୍ତ ସୁରକ୍ଷା ପରିଷଦ ଆହ୍ୱାନକ୍ରମେ ଶୁକ୍ରବାର ଶତାଧିକ ସ୍ଥାନୀୟ ଲୋକେ ହରି ସହଦେବଙ୍କ ପୀଠରେ ଏକତ୍ରିତ ହୋଇ ଏକ ଜନ ସମାବେଶ ଆୟୋଜିତ କରିଥିଲେ। ସୂଚନା ଥାଉକି, ଏକ ସେତୁ କାର୍ଯ୍ୟ ପାଇଁ ହରି ସହଦେବ ପୀଠରୁ ପ୍ରତ୍ୟେକ ଦିନ ବାଲି ବୁହା ଚାଲିଛି। ଏହା ଯୋଗୁ ଉକ୍ତ ବାଲିବନ୍ତର ଅବକ୍ଷୟ ହେଉଛି। ବାଲିବନ୍ତ ଉପକୂଳୀୟ ଗ୍ରାମବାସୀଙ୍କ ସୁରକ୍ଷା ପ୍ରାଚୀର ଭାବେ କେଉଁ କାଳରୁ ରହିଆସିଛି। ଏହି ବାଲିବନ୍ତ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ତଥା ବାତ୍ୟା ସୁନାମି ଦାଉରୁ ଏହି ଅଞ୍ଚଳବାସୀଙ୍କୁ ସୁରକ୍ଷା କରିଆସୁଛି। ପ୍ରତ୍ୟେକ ଦିନ ଏଭଳି ବାଲି ଚାଲାଣ ଏ ଅଞ୍ଚଳ ପ୍ରତି ଆସନ୍ନ ବିପଦ ସୃଷ୍ଟି କରିବ। ଏଣୁ ଏହାକୁ ବିରୋଧ କରିବା ସହ ଏହାରି ସୁରକ୍ଷା ପାଇଁ ଶତାଧିକ ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ବାହାରି ହରି ସହଦେବ ପୀଠରେ ଉପସ୍ଥିତ ହେବା ସହ ବିରାଟ ଜନ ଆନ୍ଦୋଳନ ପାଇଁ ସଜବାଜ ହେଲେଣି। ଏହା ସହ ବାଲି ନେବା ପାଇଁ ଠିକାଦାର କରିଥିବା ରାସ୍ତାକୁ ମହିଳାମାନେ ଭାଙ୍ଗି ଦେଇଥିବାର ଜଣାପଡ଼ିଛି। ଏହି ସମାବେଶକୁ ଆର୍ତ୍ତତ୍ରାଣ ପ୍ରଧାନ, ସୁରେନ୍ଦ୍ର ଜେନା, ଶ୍ୟାମଳେନ୍ଦୁ ପ୍ରଧାନ, ପରେଶ ଜାଲି, ରଞ୍ଜନ ଦଳାଇ, ଦିଗାମ୍ବର ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ ଶୁକ୍ରବାର ସ୍ୱର୍ଗଦ୍ୱାର କର୍ମଚାରୀଙ୍କୁ ପୋଷାକ ଓ ମାସ୍କ ବଣ୍ଟନ କରାଯାଉଛି।

## ସ୍ୱର୍ଗଦ୍ୱାର ସେବକଙ୍କୁ ପୋଷାକ ବଣ୍ଟନ

ପୁରୀ ଅଫିସ,୩୦।୭:

ସ୍ୱର୍ଗଦ୍ୱାର ସେବା କାର୍ଯ୍ୟରେ ନିୟୋଜିତ ସେବକମାନଙ୍କୁ ସ୍ୱର୍ଗଦ୍ୱାର ସେବା ସମିତି ତରଫରୁ ନୂତନ ପୋଷାକ ବଣ୍ଟନ କରାଯାଇଛି। ସ୍ୱର୍ଗଦ୍ୱାରଠାରେ ଥିବା କର୍ମଚାରୀ, ସଂସ୍କାର ସେବକ, ପରିମଳ ସେବକ, ସୁରକ୍ଷା ସେବକ, କନିଷ୍ଠ ସେବକ ତଥା ସହାୟତା ସେବକମାନଙ୍କୁ ସ୍ୱତନ୍ତ୍ର ପରିଧାନ ଓ ମାସ୍କ ବଣ୍ଟନ କରାଯାଇଛି। ସ୍ୱର୍ଗଦ୍ୱାର ସେବା ସମିତି ଅଧ୍ୟକ୍ଷ ତଥା ଜିଲାପାଳ ସମର୍ଥ ବର୍ମା, ସମ୍ପାଦକ ଭବତାରଣ ସାହୁ, ସମିତିର କାର୍ଯ୍ୟକାରୀ ସଦସ୍ୟ ସିଦ୍ଧାର୍ଥ ରାୟ ପ୍ରମୁଖ ଉପସ୍ଥିତ ରହି ପୋଷାକ ବଣ୍ଟନ କରିଥିଲେ। ଏହି ଅବସରରେ ଜିଲାପାଳ ସ୍ୱର୍ଗଦ୍ୱାରଠାରେ ନିର୍ମାଣାଧୀନ କାର୍ଯ୍ୟର ସମୀକ୍ଷା କରିବା ସହ ପ୍ରଶାସନିକ କୋଠା, ଶୌଚାଳୟ, ପ୍ରତୀକ୍ଷା ଗୃହ କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରିବା ପାଇଁ ଓଡ଼ିଶା ସେତୁ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି।

## ବ୍ରେନ ଟ୍ୟୁମର ପୀଡ଼ିତଙ୍କୁ ମିଳିଲା ସହାୟତା

ଡେଲାଙ୍ଗ,୩୦।୭(ଡି.ଏନ୍.ଏ.)

ଡେଲାଙ୍ଗ ତହସିଲ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତର ନୂଆହାଟ ଗ୍ରାମର ବ୍ରେନ ଟ୍ୟୁମରରେ ପୀଡ଼ିତ ଥିବା ରଞ୍ଜନ ବଳିୟାରସିଂହଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଡେଇ ଓ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ପୀଡ଼ିତ ରଞ୍ଜନଙ୍କ ବାସଭବନରେ ପହଞ୍ଚି ତାଙ୍କ ସ୍ତ୍ରୀଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏଥିସହ ତାଙ୍କ ଚିକିତ୍ସାରେ ସମସ୍ତ ସହଯୋଗ କରାଯିବ ବୋଲି ତହସିଲଦାର ବଡେଇ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି। ସେହିପରି ସାମାଜିକ ଅନୁଷ୍ଠାନ ଏମ.ଜେ.ସ୍ମାଇଲର ସଦସ୍ୟ ଜିତେନ୍ଦ୍ର ଚହଟରାୟ, ଅଜିତ୍ ରାୟ, କେଶବ ଦାସ ପ୍ରମୁଖ ୧୫ ହଜାର ଟଙ୍କା ସଂଗ୍ରହକରି ପୀଡ଼ିତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସୂଚନା ଥାଉକି ରଞ୍ଜନ ଦୀର୍ଘ ଦିନ ହେବ ବ୍ରେନ ଟ୍ୟୁମରରେ ପୀଡ଼ିତ ଥିଲେ। ଅର୍ଥ ଅଭାବରୁ ତାଙ୍କର ଚିକିତ୍ସା ବାଧା ସୃଷ୍ଟି ହୋଇଥିଲା। ଏ ନେଇ ଡେଲାଙ୍ଗ ଟ୍ୟୁଟର କ୍ଲବ ସଦସ୍ୟ ତ୍ରିନାଥ ପରିଡା ଓ ରଶ୍ମିରଞ୍ଜନ ପ୍ରଧାନ ସହଯୋଗ ପାଇଁ ପ୍ରଶାସନ ନିକଟରେ ନିବେଦନ କରିଥିଲା। ଏବେ ପୀଡ଼ିତ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ଏ ନେଇ ସ୍ଥାନୀୟ ଟ୍ୟୁଟର କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି।

# ପାଠାଗାର ଜ୍ଞାନର ଗନ୍ତାଘର

ଗୋପ,୩୦।୭(ଡି.ଏନ୍.ଏ.)

ଆଜିର ଇଣ୍ଟରନେଟ ଯୁଗରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ଜ୍ଞାନ ଉପରେ ଦୃଷ୍ଟି ଦେଉଛନ୍ତି। କିନ୍ତୁ ପାଠାଗାର ହେଉଛି ଜ୍ଞାନର ଗନ୍ତାଘର। ପାଠାଗାରର ଭୂମିକା ସବୁବେଳେ ଜ୍ଞାନ ଆରୋହଣ ଲାଗି ଗୁରୁତ୍ୱପୂର୍ଣ୍ଣ ବୋଲି ଶୁକ୍ରବାର ଗୋପ ମହାବିଦ୍ୟାଳୟ ପରିସରରେ ୧୮ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ନୂତନ ଗୃହ ଉଦ୍‌ଘାଟିତ ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି ସୂଚନା ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସଭାପତିତ୍ୱରେ ବିଡିଓ ଦୀପ୍ତିରାଣୀ ଦାସ, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ଗୋପ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ପୁନେଶ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଶୈଳେନ୍ଦ୍ର ରଥ, ଶରତ ସାହୁ, ଗଣେଶ ଚନ୍ଦ୍ର ସେନାପତି, ପ୍ରଶାନ୍ତ ସେନାପତି ପ୍ରମୁଖ ଯୋଗଦେଇଥିଲେ।

## ଉପଜିଲାପାଳଙ୍କ ଦ୍ୱାରସ୍ଥ ବାସନ୍ଦ ପରିବାର

ପୁରୀ ଅଫିସ,୩୦।୭

ନିଆଁ ପାଣି ବାସନ୍ଦ ବା ଏକଘରକିଆ କଟକଣା ଉଠାଇବା ସହ ଗ୍ରାମରେ ମିଶିକରି ରହିବା ପାଇଁ ଚନ୍ଦନପୁର ଥାନା ଅଞ୍ଚଳର ୨ ପୀଡ଼ିତ ପରିବାର ଶୁକ୍ରବାର ଉପଜିଲାପାଳଙ୍କୁ ଏକ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗକାରୀ ଗଦାଧର ବାରିକ ଏବଂ ଶରତ ଶତପଥୀଙ୍କ ଅଭିଯୋଗ ଅନୁଯାୟୀ, ଉଭୟେ ଏହି ଥାନା ଅଧୀନ କାନ୍ଥୁଆପଡା ଗ୍ରାମର ବାସିନ୍ଦା। ତେବେ କୌଣସି ଘଟଣାକୁ ନେଇ ଗ୍ରାମ ପରିଚାଳନା କରୁଥିବା କେତେଜଣ ବ୍ୟକ୍ତି ଗ୍ରାମରେ ବୈଠକ କରି ଆମ ଦୁଇ ପରିବାରକୁ ଏକ ଘରକିଆ କରିବା ସହ ବିଭିନ୍ନ କାର୍ଯ୍ୟରୁ ବାସନ୍ଦ କରିଛନ୍ତି। ଫଳରେ ଦୁଇ ପରିବାର ଚଳିବା କଷ୍ଟ ହୋଇପଡ଼ିଛି। ଏ ନେଇ ସରପଞ୍ଚଙ୍କୁ ଜଣାଇବାରେ ଗ୍ରାମ ଘଟଣାରେ ହସ୍ତକ୍ଷେପ କରିବେନି ବୋଲି ସେ କହିଥିଲେ। ତେଣୁ ଘଟଣାର ତଦନ୍ତ କରି ୨ ପରିବାରର ସୁରକ୍ଷାକୁ ଦୃଷ୍ଟିରେ ରଖି ଗ୍ରାମ ପକ୍ଷରୁ କରାଯାଇଥିବା ବାସନ୍ଦ କଟକଣାକୁ ହଟାଇବା ସହ ବାସନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବ୍ୟକ୍ତିମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀମାନେ ଉପଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

## କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଲେ ମନ୍ତ୍ରୀ

ଗୋପ,୩୦।୭(ଡି.ଏନ୍.ଏ.)

ଗୋପର ଜଣେ ଖବରଦାତାଙ୍କୁ ଗୋପ ଥାନାଧିକାରୀଙ୍କ ଗାଳିଗୁଲଜ ଘଟଣାକୁ ୨ସପ୍ତାହରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ଏ ନେଇ ଗୋପ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ଦଳ ଶୁକ୍ରବାର ଗୋପ ଜଳସମ୍ପଦ ବିଭାଗ ଡାକବଙ୍ଗଳାରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏଭଳି ଘଟଣାକୁ ମନ୍ତ୍ରୀ ନାପସନ୍ଦ କରିବା ସହ ଏହି ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି କହିଥିଲେ। ଏହାପରେ ମନ୍ତ୍ରୀ ଦାଶ ଜିଲା ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସହିତ ଏ ସମ୍ପର୍କରେ କଥା ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଗତ ୭ ତାରିଖରେ ଗୋପ ଥାନାଧିକାରୀଙ୍କ ଏକ ଭିଡିଓ ଭାଇରାଲ ଖବରକୁ ନେଇ ଖବରଦାତା ସୁବାସ ରଞ୍ଜନ ସେନାପତିଙ୍କ ଜରିଆରେ ଖବରଦାତା ସନ୍ତୋଷ ରାୟଙ୍କୁ ଗାଳିଗୁଲଜ କରିଥିଲେ। ଥାନାଧିକାରୀଙ୍କ ଏଭଳି ମନ୍ତବ୍ୟକୁ ଜିଲା ଓ ରାଜ୍ୟ ଖବରଦାତାମାନେ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଅଭିଯୋଗ କରିଥିଲେ। ୨ ସପ୍ତାହ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନ ହୋଇଥିବାରୁ ଧାରଣା ମଧ୍ୟ ଦେଇଥିଲେ। ଶୁକ୍ରବାର ମନ୍ତ୍ରୀ ଖବରଦାତାଙ୍କ ସହ ଆଲୋଚନା ବେଳେ ଉକ୍ତ ଅଡିଓଟି ଶୁଣିଥିଲେ।




ଶ୍ରୀଜଗନ୍ନାଥଙ୍କୁ ଅପମାନ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଯାତ୍ରା କଳାକାର ରାନୀ ପଣ୍ଡା ଶୁକ୍ରବାର ସିଂହଦ୍ୱାର ସମ୍ମୁଖରେ ଧାରଣାରେ ବସିଛନ୍ତି।

# ସ୍ୱଚ୍ଛ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ

କୋଣାର୍କ,୩୦।୭(ଡି.ଏନ୍.ଏ.)

କୋଣାର୍କ ଏନ୍‌ଏସି ଅନ୍ତର୍ଗତ ୫ଟି ୱାର୍ଡରେ ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ଚାଲିଥିବା ପ୍ରକଳ୍ପ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଲୋକେ ସ୍ୱଚ୍ଛ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। କୋଣାର୍କର ୫, ୬, ୭, ୮ ଓ ୯ ଆଦି ୫ଟି ୱାର୍ଡ ପାଇଁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଜନ ସ୍ୱାସ୍ଥ୍ୟ ବର୍ଗ ବିଭାଗ ପକ୍ଷରୁ ୧୨କୋଟି ୪୧ଲକ୍ଷ ଟଙ୍କା ବ୍ୟୟ କରାଯାଇ ରାଜସ୍ଥାନର ଏକ ଘରୋଇ ସଂସ୍ଥାକୁ ଏହି କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ଏହି କାର୍ଯ୍ୟ ଆରମ୍ଭ ହେବାର ୪ମାସ ବିତି ଯାଇଥିଲେ ମଧ୍ୟ କାଁ ଭାଁ କାର୍ଯ୍ୟ କରାଯାଇଥିବା ଦୃଷ୍ଟିଗୋଚର ହେଉଛି। ଏହି କାର୍ଯ୍ୟ ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ସହ କାର୍ଯ୍ୟର ସ୍ୱଚ୍ଛତା ଆଣିବା ପାଇଁ ପାନୀୟ ଜଳଯୋଗାଣ ପ୍ରକଳ୍ପ ସମ୍ବନ୍ଧରେ ସବିଶେଷ ବିବରଣୀ ଏକ ଫଳକ ଲଗାଯିବାର ବ୍ୟବସ୍ଥା ଥିଲାବେଳେ ତାହା ଅଦ୍ୟାବଧି ଲଗାଯାଇ ନାହିଁ। ଏହି କାର୍ଯ୍ୟ ଦାୟିତ୍ୱରେ ଥିବା ନିମାପଡ଼ା ଜନସ୍ୱାସ୍ଥ୍ୟ ବର୍ଗ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ, କୋଣାର୍କ କନିଷ୍ଠ ଯନ୍ତ୍ରୀ ଏବଂ କାର୍ଯ୍ୟ ସମ୍ପାଦନ ପାଇଁ ଚୟନ କରାଯାଇଥିବା ଘରୋଇ ସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ନୀତି ଯୋଗୁ କାର୍ଯ୍ୟ ଆଗେଇପାରୁ ନ ଥିବା ସାଧାରଣରେ ମତପ୍ରକାଶ ପାଉଛି। ଏହି କାର୍ଯ୍ୟ ଆରମ୍ଭ ହେବାର ୪ ମାସ ବିତିଯାଇଥିଲେ ମଧ୍ୟ ଠିକ୍ ଭାବେ ତଦନ୍ତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟରେ ପାଇପ ବିଛା, ପ୍ରଡକ୍ସନ ଟାଙ୍କି, ସ୍ୱରେଜ ବ୍ୟବସ୍ଥା, ବୋର ଅଏଲ ସ୍ଥାପନ, ଇଲେକ୍ଟ୍ରିକାର୍ଯ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିବାବେଳେ କାର୍ଯ୍ୟ ଶେଷ ହେବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ନିମାପଡ଼ା ଜନସ୍ୱାସ୍ଥ୍ୟ ବର୍ଗ ସହକାରୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର ବଳ କହିଛନ୍ତି, ବିଭାଗର ଉପରିସ୍ଥ ଅଧିକାରୀମାନଙ୍କ ତାଗିଦ ଯୋଗୁ ଏହି କାର୍ଯ୍ୟ ବାବଦରେ କୌଣସି ସୂଚନା ଦିଆଯାଇପାରିବ ନାହିଁ। ଏହି କାର୍ଯ୍ୟ ପାଇଁ କିଛି ସମସ୍ୟା ଥିବାରୁ ସମାଧାନ ପାଇଁ ଚେଷ୍ଟା ଚାଲିଛି ବୋଲି ପ୍ରକାଶ କରିଛନ୍ତି। ସେହିଭଳି ଭୁବନେଶ୍ୱର ଜନସ୍ୱାସ୍ଥ୍ୟ ବର୍ଗ ଖଣ୍ଡ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ବିରଞ୍ଚିନାରାୟଣ ପ୍ରଧାନ କହିଛନ୍ତି, କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସୂଚନା ଫଳକ ମରାଯିବା କଥା। ଯଦି ଏହା କରାଯାଇ ନ ଥାଏ ସେଥିପାଇଁ ନିମାପଡ଼ା ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯିବା ସହ କେଉଁ ସମସ୍ୟା ପାଇଁ କାର୍ଯ୍ୟ ଆଗେଇପାରୁ ନାହିଁ ସେ ସମ୍ବନ୍ଧରେ ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।



ଅଧାପନ୍ତରିଆ ପଡିଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ।

# ପୁରୀରେ ପରୀକ୍ଷା ଦେଲେ ୧୨୦୬

ପୁରୀ ଅଫିସ, ୩୦।୭

ରାଜ୍ୟରେ ସ୍ୱତନ୍ତ୍ର ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଜୁନ ୨୫ରେ ପ୍ରକାଶ ପାଇଥିବା ଦଶମ ପରୀକ୍ଷା ଫଳକୁ ନେଇ ଅସନ୍ତୁଷ୍ଟ ଥିବା ଏବଂ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା କରାଯାଉଛି। ପୁରୀ ଜିଲାରେ ୧୬ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେଉଥିବା ବେଳେ ପୁରୀ ସହରରେ ୨ଟି କେନ୍ଦ୍ର(ବଳଗଣ୍ଡି ହାଇସ୍କୁଲ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟ)ରେ ପରୀକ୍ଷା ହେଉଛି। ପୁରୀ ସହରରେ ସମୁଦାୟ ୧୨୦୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ସେଥିମଧ୍ୟରୁ ରେଗୁଲାରରେ ୧୪୯ଜଣ, ଏକ୍ସ ରେଗୁଲାରରେ ୪୨ଜଣ, ଏସ୍‌ଆଇଓଏସ୍‌ରେ ୯୯୮ଜଣ ଏବଂ ଓପନ ସ୍କୁଲ ପରୀକ୍ଷାରେ ୧୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ପରୀକ୍ଷା ହଲରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି କୋଭିଡ୍ ଗାଇଡ୍ ଲାଇନ ଅନୁଯାୟୀ ମାସ୍କ ପରିଧାନ ବାଧ୍ୟତାମୂଳକ କରାଯାଇଛି। ସାମାଜିକ ଦୂରତା ଏବଂ ସାନିଟାଇଜର ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନରେ ସାହିତ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ।



ପୁରୀ ବଳଗଣ୍ଡି ହାଇସ୍କୁଲକୁ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ର।

# କଟକଣା ଲାଗି କୋର୍ଟ ଟ୍ରାଏଲ୍ ହୋଇପାରୁନି

**୨ ବର୍ଷ ହେଲା ବାହାରେ ବୁଲୁଛନ୍ତି ଅପରାଧୀ**

ପୁରୀ ଅଫିସ,୩୦।୭

କରୋନା କଟକଣା ଲାଗି ପୁରୀ କୋର୍ଟରେ ଅଧିକାଂଶ ଟ୍ରାଏଲ୍ ହୋଇପାରୁ ନାହିଁ। ଏଥିଯୋଗୁ ମୁଦାଲା କିମ୍ବା ସାକ୍ଷୀଙ୍କୁ ସମନ ହେଉନି। ଫଳରେ ଜାମିନରେ ଥିବା ଅପରାଧୀ ପାଖାପାଖି ୨ବର୍ଷ ଧରି ବାହାରେ ରହିଲେଣି। ଅନ୍ୟପଟେ ଅଭିଯୋଗକାରୀ ମଧ୍ୟ ନ୍ୟାୟକୁ ଅପେକ୍ଷା କରି ରହିଛନ୍ତି। ଆପରାଧିକ ମାମଲାରେ ଟ୍ରାଏଲ୍ ସମ୍ପୂର୍ଣ୍ଣ ରୂପେ ବନ୍ଦ ଥିବାବେଳେ ଜମିଜମା ମାମଲାର ଅତି ଗୁରୁତ୍ୱପୂର୍ଣ୍ଣ ମାମଲାରେ ଟ୍ରାଏଲ୍ ହେଉଛି। ଗତ ୧୫ ତାରିଖରେ ରାଜ୍ୟ ସରକାରଙ୍କର କୋଭିଡ୍‌ର ନୂଆ ଗାଇଡଲାଇନ୍ ଆସିବା ପରେ ୧୬ ତାରିଖରେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଜିଲା ସେସନ୍ କୋର୍ଟ ପାଇଁ ନୋଟିସ ପ୍ରକାଶ ହୋଇଥିଲା। ଏ ଶ୍ରେଣୀରେ ଥିବା ଜିଲା କୋର୍ଟକୁ ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ବି ଶ୍ରେଣୀ ପାଇଁ ଅଗଷ୍ଟ ୩ ଅପରାହ୍ନ ୩ଟା ଯାଏଁ କୋର୍ଟ ସ୍ୱାଭାବିକ ଭାବେ ପରିଚାଳିତ ହେବ ବୋଲି କୁହାଯାଇଥିଲା। ସ୍ୱାଭାବିକ ଭାବେ କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶ ମିଳିଥିଲେ ମଧ୍ୟ ପୁରୀ କୋର୍ଟରେ ଟ୍ରାଏଲ୍ ଆରମ୍ଭ ନ ହେବା ପ୍ରସଙ୍ଗ ନିହାତି ପକ୍ଷେ ଚିନ୍ତା ବଢ଼ାଉଛି। ପାଖାପାଖି ୨ ବର୍ଷ ଧରି ଅଭିଯୁକ୍ତମାନେ ଜାମିନରେ ରହିଲେଣି। ତେବେ କୋଭିଡ୍ ଭଳି ସ୍ଥିତିରେ କଟକଣା ଥିବାରୁ ଅନ୍ୟ ବିକଳ୍ପ କିଛି ନାହିଁ ବୋଲି ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ମିଶ୍ର କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ଏବେ ସୁଦ୍ଧା ଯାନବାହନ ଚଳାଚଳ ସ୍ୱାଭାବିକ ହୋଇ ନାହିଁ। ତେଣୁ କେବଳ ସାକ୍ଷ୍ୟ ପ୍ରମାଣ ଦରକାର ହେଉ ନ ଥିବା ମାମଲାର ଶୁଣାଣି ହେଉଛି। ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚଳିତ ଗାଇଡଲାଇନ ଜାରି ରହିଥିବା ହେତୁ ଏହା ପୂର୍ବରୁ ପୁଣିଥରେ ନୂଆ ଗାଇଡ୍‌ଲାଇନ ଆସିଲେ ଟ୍ରାଏଲ୍ ହେବାର ସମ୍ଭାବନା ବଢ଼ିପାରେ। ସେହିଭଳି ଆଇନଜୀବୀ ବିଶ୍ୱଜିତ୍ ପ୍ରଧାନ କହିଛନ୍ତି, ସ୍ୱାଭାବିକ କୋର୍ଟ କାର୍ଯ୍ୟ ହୋଇ ନ ପାରିବା କାରଣରୁ ସମସ୍ୟା ହେଉଛି, ମାତ୍ର ବର୍ତ୍ତମାନ ସ୍ଥିତିରେ ବିକଳ୍ପ ମଧ୍ୟ କିଛି ନାହିଁ। କଟକଣା ଧୀରେ ଧୀରେ କୋହଳ ହେଉଥିବା ହେତୁ ଆସନ୍ତା ସମୟରେ ଟ୍ରାଏଲ୍ ହେବା ନେଇ ରାସ୍ତା ଖୋଲିପାରେ। ଅନ୍ୟପକ୍ଷେ ପୁରୀ ଜିଲା କୋର୍ଟ ବିଚାରପତି ଅମରେଶ ମହାପାତ୍ର କହିଛନ୍ତି, ଅଧିକାଂଶ ମାମଲାର ଶୁଣାଣି ଭିଡିଓ କନଫରେନ୍ସ ମାଧ୍ୟମରେ ହେଉଥିବା ବେଳେ ଆବଶ୍ୟକ କ୍ଷେତ୍ରରେ କୋର୍ଟ କାର୍ଯ୍ୟକାରୀ କରାଯାଉଛି। ସେହିଭଳି ପୁରୀ ସହରର ଅନେକ କୁଖ୍ୟାତ ଅପରାଧୀ ଏବେ ଜାମିନରେ ବାହାରେ ବୁଲୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ ମାମଲା ଆଗକୁ ବଢ଼ିପାରୁ ନାହିଁ। କରୋନା ଅପରାଧୀଙ୍କ ପାଇଁ ମଉକା ପାଲଟିଛି। କୋଭିଡ୍ କଟକଣା ସତ୍ତ୍ୱେ କୋର୍ଟରେ ଟ୍ରାଏଲ୍ ଯଥାସମ୍ଭବ ହେବାର ଆବଶ୍ୟକତା ରହିଛି ବୋଲି ସୂଚନା ଅଧିକାର କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି।